ତେଜସ୍ୱୀ

ସୁରେଶ ଚନ୍ଦ୍ର ଚୌହାନ

ଢେଙ୍କୀ

ସୁରେଶ ଚନ୍ଦ୍ର ଚୈହ୍ୱାନ

ପବ୍ଲିକେଶନ୍

ତେଜସ୍ୱୀ

କାବ୍ୟ

ସୁରେଶ ଚନ୍ଦ୍ର ଚୌହ୍ୱାନ

ସମ୍ପର୍କ: ବରିକେଲ୍, ବରଗଡ଼

ମୋ: ୮୧୧୭୯୧୨୬୬୪

ପ୍ରକାଶକ : ତୀରତରଙ୍ଗ ପବ୍ଲିକେଶନ୍

ପ୍ରଚ୍ଛଦ, ଲେଆଉଟ ଓ ମୁଦ୍ରଣ

ଟୀରତରଙ୍ଗ ପ୍ରିଣ୍ଟର୍ସ, ବି-୩୦, ଚନ୍ଦକା ଶିଳ୍ପାଞ୍ଚଳ,

ଭୁବନେଶ୍ୱର-୨୪, ମୋ: ୯୧୭୮୩୩୫୫୦୫

ସଂଯୋଜକ ଓ ବିତରକ: ମାନସିଂହ ସାହିତ୍ୟ ସଂସଦ, ନନ୍ଦଳା, ପୁରୀ

ପ୍ରଥମ ସଂସ୍କରଣ : ୧ ଜାନୁଆରୀ ୨୦୨୩ ©: ଲେଖକ

₹: ୧୦୦.୦୦

TEJASWI

WRITER : SURESH CHANDRA CHOWHAN

Barikel, Baragarh Mob: 8117912664

Published by : TEERATARANGA PUBLICATION

B-30, Chandaka I.E, Bhubaneswar-24, Mob: 9437383957

Cover, Layout &Printed at: Teerataranga Printers

B-30, Chandaka I.E, Bhubaneswar-24, Mob: 9178335505

Co-ordinator & Distributor :

Mansingh Sahitya Sansad, Nandala, Puri

First Impression : 1st January 2024 ©: Writer

₹: 100.00

ISBN- 978-81-19802-19-7

ପାଠକଙ୍କୁ ପଦେ....

ଶ୍ରଦ୍ଧେୟ ପାଠକବୃନ୍ଦ, ଶ୍ରୀଶ୍ରୀ ପାଟଣେଶ୍ୱରୀଙ୍କ ଅଶେଷ କୃପାରୁ ଏହି 'ତେଜସ୍ୱୀ' କାବ୍ୟଟି ଆପଣଙ୍କ ସମ୍ମୁଖରେ ଉପସ୍ଥାପନ କରି ପାରିଛି। ଏହି କାବ୍ୟରେ ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ ନାମକ ପୂର୍ବେ ଏକ ରାଜ୍ୟ ଥିଲା। ବାରଶହ ଖ୍ରୀ ବେଳକୁ ଏହି ରାଜ୍ୟର ପୃଷ୍ଠପୋଷକ ଥିଲେ ପ୍ରଥମେ ରମାଇଁ ଦେବ ଚୌହାନ୍। ତାଙ୍କ ଚରିତକୁ ଆଧାରିତ କରି ଗଢ଼ିଉଠିଛି ଏହି ତେଜସ୍ୱୀ କାବ୍ୟ। ଏହି କାବ୍ୟରେ ଗଡ଼ସମ୍ବର (ମଧ୍ୟପ୍ରଦେଶ) ରାଜ୍ୟର ଆଗମନ ରଜାଗଣ, ଗନ୍ଧମାର୍ଦ୍ଦନ ବର୍ଣ୍ଣନ, ସନ୍ଧ୍ୟା ବର୍ଣ୍ଣନ, ପ୍ରଭାତ ବର୍ଣ୍ଣନ, ଶବରପୁର ବର୍ଣ୍ଣନା, ରାତ୍ର ବର୍ଣ୍ଣନା, ରମାଇଁଙ୍କ ଜନ୍ମ, ବାଲ୍ୟଲୀଳା, ହରିଶଙ୍କର ମହତ୍ୱ, ପାଟଣାଗଡ଼ ରାଜ୍ୟ ପ୍ରାପ୍ତି, ରତ୍ନଗର୍ଭାଙ୍କ ସହିତ ବିବାହ, ପାଟଣାଗଡ଼ ନଗର ବର୍ଣ୍ଣନା, ବସନ୍ତ ବର୍ଣ୍ଣନା, ବିବାହ ବର୍ଣ୍ଣନ, ମଧୁମିଳନ ଆଦି ବିଭିନ୍ନ ବର୍ଣ୍ଣନା ଅତି ସୁନ୍ଦର ଭାବେ ଉପସ୍ଥାପନ ହୋଇଛି। ଏଗୁଡ଼ିକ ପାଠକମାନଙ୍କୁ ଅତି ଆମୋଦ ପ୍ରଦାନ କରିବ ବୋଲି ମୋର ଆଶା।

ପୁଣି ବିଭିନ୍ନ ଛନ୍ଦ ଅଳଙ୍କାର ଓ ନାନା ରସରେ ରସାଣିତ କାବ୍ୟଟି ଆପଣମାନଙ୍କୁ ଆକୃଷ୍ଟ କରିବ ବୋଲି ମୋ ବିଶ୍ୱାସ।

ଆପଣମାନେ କଣ୍ଠରେ ଲମ୍ବାଇ ପାରନ୍ତି ବା ପାଦରେ ଦଳିପାରନ୍ତି। ମାଁ ପାଟଣେଶ୍ୱରୀଙ୍କ ଇଚ୍ଛା।

ଇତି

ଭବଦୀୟ

ସୁରେଶ ଚନ୍ଦ୍ର ଚୌହାନ

ସୂଚୀ

ପ୍ରଥମ ସର୍ଗ	ପାଟଣେଶ୍ୱରୀ ବର୍ଣ୍ଣନା
ଦ୍ୱିତୀୟ ସର୍ଗ	ଗନ୍ଧମାର୍ଦ୍ଦନ ପର୍ବତ ବର୍ଣ୍ଣନା
ତୃତୀୟ ସର୍ଗ	ସନ୍ଧ୍ୟା ବର୍ଣ୍ଣନା, ରାଣୀମାନଙ୍କ ଆତ୍ମ ବିସର୍ଜନ
ଚତୁର୍ଥ ସର୍ଗ	ପ୍ରଭାତ ବର୍ଣ୍ଣନା, ଶବରଙ୍କ ଫଳମୂଳ ଆହରଣ, ରାମୁଲୁ ଶବରର ଜୟନ୍ତୀରାଣୀଙ୍କୁ ଦର୍ଶନ ।
ପଞ୍ଚମ ସର୍ଗ	ଜୟନ୍ତୀଙ୍କ ଭିଲ୍ଲପୁର ପ୍ରବେଶ ଓ ଶବରପୁର ବର୍ଣ୍ଣନା
ଷଷ୍ଠ ସର୍ଗ	ପ୍ରଦୋଷ ବର୍ଣ୍ଣନା ଓ ଜୟନ୍ତୀରାଣୀଙ୍କ ପରିଚୟ ପ୍ରଦାନ ।
ସପ୍ତମ ସର୍ଗ	ସୈନ୍ୟ ସାମନ୍ତଙ୍କ ସହ ଖଡ଼ିଆଲ ଗମନ
ଅଷ୍ଟମ ସର୍ଗ	ରମାଇ ଦେବଙ୍କ ଜନ୍ମ ଓ ବାଲ୍ୟ ଲୀଳା
ନବମ ସର୍ଗ	ବସନ୍ତ ବର୍ଣ୍ଣନା, ରମାଇଁ ଦେବ ମୃଗୟା ବିହାର ଖଡ଼ିଆଲ ରାଜାଙ୍କ ସହ ମିତ୍ରତା
ଦଶମ ସର୍ଗ	ହରିଶଙ୍କରର ମହତ୍ତ୍ୱ, ଚକ୍ରଧର ପାଣିଗ୍ରାହୀଙ୍କ ସ୍ୱପ୍ନ ଦର୍ଶନ, ରାଜା ଅନ୍ୱେଷଣାର୍ଥେ ଖଡ଼ିଆଲ ଗମନ
ଏକାଦଶ ସର୍ଗ	ରମାଇଁ ଦେବଙ୍କ ପାଟଣାଗଡ଼ ପ୍ରବେଶ
ଦ୍ୱାଦଶ ସର୍ଗ	ରତ୍ନଗର୍ଭାଙ୍କ ଜନ୍ମ ଓ ଯୌବନ ବର୍ଣ୍ଣନା
ତ୍ରୟୋଦଶ ସର୍ଗ	ରତ୍ନଗର୍ଭାଙ୍କ ସହିତ ରମାଇଙ୍କ ବିବାହ ପ୍ରସ୍ତାବ କୃତିବାସ ମନ୍ତ୍ରୀଙ୍କୁ ପ୍ରେରଣ ଓ ପାଟଣାପୁର ବର୍ଣ୍ଣନା
ଚତୁର୍ଦ୍ଦଶ ସର୍ଗ	ବସନ୍ତ ବର୍ଣ୍ଣନା ଓ ରମାଇଁଙ୍କ ବରାନୁଗମନ
ପଞ୍ଚଦଶ ସର୍ଗ	ରମାଇ ଦେବଙ୍କ ବିବାହ ବର୍ଣ୍ଣନା
ଷୋଡ଼ଶ ସର୍ଗ	ନବଦଂପତିଙ୍କ ବନ୍ଦାପନା ଓ ମଧୁମିଳନ
ସପ୍ତଦଶ ସର୍ଗ	ମହାଲିଙ୍ଗ ଦେବଙ୍କ ରାଜ୍ୟାଭିଷେକ ରମାଇଁ ଦେବଙ୍କ ସ୍ୱର୍ଗାରୋହଣ

ପ୍ରଥମ ସର୍ଗ

ରାଗ - ଚତୁର୍ଦ୍ଦଶାକ୍ଷରୀ

ପାଟଣେଶ୍ୱରୀ ବର୍ଣ୍ଣନା

ରତ୍ନସିଂହ ଯବନଙ୍କ ଦ୍ୱାରା ଆକ୍ରାନ୍ତ ତାଙ୍କ ରାଣୀମାନେ
ସୈନ୍ୟ ସାମନ୍ତ ସହିତ କୋଶଳ ଦେଶକୁ ଆଗମନ -

ଜୟତୁ ପାଟଣେଶ୍ୱରୀ ପାଟଖଣ୍ଡା ଖ୍ୟାତି
ଇନ୍ଦ୍ରଧନୁ ବିଭ୍ରାଜିତ ମନୋହରା(୧) କାନ୍ତି ॥
କୋଟି ସୁଧାକର କରକାନ୍ତି ଦରଶନ
ଝଟକ-ଝଟକ ଦିଶେ ଅସି(୨) ଆବର୍ତ୍ତନ ॥
ତଡ଼ିତ (୩) ପ୍ରାୟେ ଯାହାର ଗତି ହିଁ ଚଞ୍ଚଳା
ଶତ୍ରୁ ମୁଣ୍ଡ ମାଳିନୀ ଗୋ ହୀରକ ମେଖଳା ॥
ଶତ ଦଳ କମଳଗୋ ମନ୍ଦାର ମାଳିନୀ
ପ୍ରବାଳ ଅଧର ଓଷ୍ଠ ଶତ୍ରୁ ସଂହାରିଣୀ ॥
ରୁଣୁ ରୁଣୁ ବାଜେ ମାଗୋ ତୋ ପାଦ ନୂପୁର
କିଳିକିଳା ଶବଦରେ କମ୍ପେ ତିନିପୁର ॥
ଖଣ୍ଡା ଖର୍ପର ଧାରିଣୀ ହସ୍ତରେ କଙ୍କଣ
ଡମ୍ବରୁ ତ୍ରିଶୁଳ ଛତ୍ର ଚାମର ବ୍ୟଜନ ॥
ପାଟ ବସ୍ତ୍ର ଶୋଭେ ତୋର ଗାତ୍ରେ ବିଜଡ଼ିତା
ଲଲାଟେ ସିନ୍ଦୁର ଗାର ପାଦରେ ଅଳତା ॥
ସୁବିରଳ ସମୁଜ୍ଜ୍ୱଳ ଚାରୁ (୪) ତାରା ଗ୍ରହ
ମଣ୍ଡିଛନ୍ତି ରତ୍ନଭୂଷା ରୂପେ ତୋ ବିଗ୍ରହ ॥
ବିବିଧ ମନ୍ଦାର ପୁଷ୍ପହାର ଶୋଭେ ଗଳେ
ଗ୍ରନ୍ଥିତ ହୋଇଛି ସବୁ ଅଦ୍ଭୂତ କୌଶଳେ ॥
କୃଷ୍ଣ କେଶଛଳେ ଘନ ବିଦ୍ୟୁତ ପ୍ରକାର

ମସ୍ତକରେ ମଥାମଣି ପିନ୍ଧିଛୁ ଶ୍ରଦ୍ଧାର ॥
କର୍ଣ୍ଣର କୁଣ୍ଡଳ ମାଗୋ ମୁକ୍ତା ଝରା କାନ୍ତି
କୌମୁଦୀ (୫) ଜୋଛନା ଜଳେ ପ୍ରତିବିମ୍ବ ଭ୍ରାନ୍ତି ॥
(୬) ରୋଲମ୍ବା ବଳି ଆବଳି କେଶ ଜାଳଭରା
ଭୃଲତା ଭୃକୁଟୀ ଭୃଭଙ୍ଗୀ କେତେକ (୭) ତୋରା ॥
ଦଣ୍ଡ ଯାତରା ଭିଆଣ ଜଗତର ହିତେ
ଭ୍ରମଣ ତୁ କରୁ ମାଗୋ ପ୍ରତ୍ୟେକ ଚଇତେ ॥
ଅବନି ଭାର ହରଣେ ଭବାନୀ ହୋଇଛୁ
ଭକତ ଉଦ୍ଧାର ଅର୍ଥେ ବାନା ବୋହିଅଛୁ ॥
ତିମିରତା ପଙ୍କପୂର୍ଣ୍ଣ ମୋ ଜୀବନ ସର
ତୋ ରୂପ ବର୍ଣ୍ଣନେ କିବା ସାମର୍ଥ୍ୟ ମୋହର ॥
ପାଟଣେଶ୍ୱରୀ ବୋଲାଉ ପାଟଣାରେ ରହି
ଶତ୍ରୁହନ୍ତା ବିଧାୟିନୀ ପାଟଖଣ୍ଡା ବୋହି ॥
ପ୍ରମାର ପ୍ରତାପ ବାନା କେତେ ତୁ ଟେକିଛୁ
କୋଶଳ ଗଠନେ କେତେ ନାମ ଅରଜିଛୁ ॥
ପୃଷ୍ଟପଟେ ପ୍ରଭା ତୋର ଅତି ମନୋହର
ଉଦୟ ତପନ ଦ୍ୟୁତି ପ୍ରଭାତ କାଳର ॥
ପୂର୍ବ ଦିଶି ସ୍ନାତ ଶଶୀ ଜ୍ୟୋତି ପ୍ରକାଶଇ
ତାରା ଗ୍ରହ କାନ୍ତି ଭୂଷା ପୂଷା(୮) କି ଦିଶଇ ॥
ସୁବର୍ଣ୍ଣ ନିର୍ମିତ ଛତ୍ର ମୁକ୍ତାଝରା କାନ୍ତି
ତ୍ରିଛତ୍ର ଛାଉଣୀଧୃତ ଧରା ସେ କି ଭ୍ରାନ୍ତି ॥
ଇନ୍ଦ୍ର ନୀଳ ବିଭ୍ରାଜିତ ଇନ୍ଦ୍ରଧନୁ ସମ
ବ୍ରହ୍ମାଣ୍ଡ ମୋହିନୀ ରୂପ ବିଗ୍ରହ ସୁସମ ॥
ବ୍ରହ୍ମାଣ୍ଡ ଆବୋରି ବିଭୁ ଯେତେ ଜ୍ୟୋତି ଧରି
ତୋ ରୂପ ନିର୍ମାଣେ ସେହୁ ସବୁ ବ୍ୟୟ କରି ॥
ପ୍ରମାର ଚୌହାନ ବଂଶ ମହିଷୀ ବୋଲାଉ
ରାଜ ଛତ୍ର ପ୍ରଭା ଖଣ୍ଡା ସର୍ବଦା ଚଳାଉ ॥

ମୋ ପୂର୍ବ ପୁରୁଷ ମାଗୋ ଆଶ୍ରା କରି ତତେ
କୋଶଳ ଗଠନେ ସାହା ବୀରଙ୍କ ଜଗତେ ॥
ରକ୍ତ ଅଣୁ ଅଣୁ ତାଙ୍କ କଥା କହୁଥିଲା
ପ୍ରଜାଙ୍କ ଦୁର୍ଦ୍ଦଶା ଦୁଃଖେ ଲୋହ ଗଡୁଥିଲା ॥
ତୋ ବାହୁ ଛାୟାରେ ବୀର ଚହୁଆଣ ବଂଶ
ବୀରତ୍ୱ ପଣେ ଜଗତେ ରହି ଅବତଂଶ ॥
କରୁଣାମୟୀନୀ ବୋଲି କରୁଣାର ଅର୍ଥେ
କରୁଣା ପ୍ରାର୍ଥନା କରି ପ୍ରକାଶିବି ତତେ ॥
କୃପା ବୋହି କୃପାମୟୀ କୃପା ଦାନ କର
ପବିତ୍ର ହେଉ ମୋ କଳୁଷିତ କଳେବର ॥
ବିଶାଳ ଦେଶରେ ଉଜ୍ଜିୟିନୀ ନଗ୍ର ସାର
ଧିକ୍କାର କରଇ ମର୍ତ୍ତ୍ୟେ ସୁଷମା ସ୍ୱର୍ଗର ॥
ଇନ୍ଦ୍ରସମ ରନ୍ନେଶ୍ୱର ନାମେ ନରେ-ଶ୍ୱର
ଅତି ଆନନ୍ଦେ ପାଳଇ ପ୍ରଜା ନିରନ୍ତର ॥
ଦାନ ପଣେ ବଳୀ ବୀର ଶାନ୍ତପଣେ ରାମ
ଶତ୍ରୁନାଶେ ମହାକାଳ ରମଣରେ କାମ ॥
ବିଜୟରେ ଅରଜୁନ ବଳୀ ପଣେ ଭୀମ
ଭବିଷ୍ୟତଜ୍ଞାତା ସହଦେବ ଗୁଣ ନିଧି
ଧୈର୍ଯ୍ୟ ଧାରଣରେ ରାଜା ସମ ପୟୋନିଧି ॥
ତେଜେ ରବି କାନ୍ତି ଚନ୍ଦ୍ର ଶୀତଳେ ଅନିଳ
ବିକାଶେ କୁସୁମ ପଦ୍ମ ପ୍ରବାହେ ସଲିଳ ॥
ହସରେ ସାରସ ହଂସ ଅଟ୍ଟହାସେ କାଶ (୯)
ଟଗର ମଲ୍ଲିକା କୁରୁବକ ନୋହି ପାସ ॥
ରାଜହଂସ ଗମନରେ ନୁହନ୍ତି ସମାନ
ଗଜମୂର୍ଖ ବକଗ୍ରୀବା(୧୦) ପାଏ ଅପମାନ ॥
ବୁଦ୍ଧିରେ ସେ ଗଜପତି 'ଧି'ରେ ବୃହସ୍ପତି (୧୧)

ରୂପରେ କନ୍ଦର୍ପ ସେହୁ ଚତୁରେ ଗ୍ରୀକ୍‌ପତି ॥
ତିନିରାଣୀ ଥିଲେ ତାଙ୍କ ଅତି ମନୋରମା
କମଳିନୀ ସରସ୍ୱତୀ ସାକ୍ଷାତରେ ଉମା ॥
ବିଜୟା ବୈଜୟନ୍ତି ସେ ଜୟନ୍ତୀ ନାମରେ
କ୍ରୀଡ଼ା କରୁଥିଲେ ରାଜା ଅତି ଆନନ୍ଦରେ ॥
ବିଧିର ବିଧାନ କେହୁ କରିବଟି ଆନ
ଭାଗ୍ୟରେ ବିଧାତା ଯାହା କରିଛି ଲିଖନ ॥
ଏତେଦିନେ ମହାରାଜା ଶୋଇଛି ସପନ
କୁଳିଶ ବର୍ଷଣ ପ୍ରାୟ ଆକାନ୍ତ ଯବନ ॥
ଯବନ ବୃତାନ୍ତ (୧୧) ଅସି ବକ୍ଷକୁ ବିଦାରି
ଚିତ୍କାର କରିଣ ରାଜା ଲୋଟଇ ଶର୍ବରୀ ॥ (୧୨)
ବାୟସ ଯେସନେ ପକ୍ଷୀ ବସା ଉପାଡ଼ଇ
ତେସନ ରାଜ ନବର ନିମିଷେ ଲୋଟଇ ॥
ପାଟମନ୍ତ୍ରୀ ତେଟି ଦାସ୍ୟ ଯେଝା ପୁରେ ଥିଲେ
ସୈନ୍ୟ ସାମନ୍ତ ଯେତେକ କେହୁ କେତେ ମଲେ ॥
ଯାହା ବଞ୍ଚିଥିଲେ ରାଣୀ ଉଆସ ଅନ୍ତର
ପ୍ରାଣ ରକ୍ଷା ପାଇଁ ଧାଇଁ ଗଲେ ଦେଶାନ୍ତର ॥
କିଛିଦିନ ଅନ୍ତେ ସେହୁ ଦେଲେ ଉପଗତ
ଦକ୍ଷିଣ କୋଶଳ ମଧ୍ୟେ ଭୟ ହେଲା ଶାନ୍ତ ॥
କୋଶଳ ଦେଶରେ ପୂଣ୍ୟ ଗନ୍ଧଗିରି ବର
ଝର ନିର୍ଝର ପୂରିତ ଅତି ମନୋହର ॥
ତହିଁ ପ୍ରବେଶିଲେ ରାଣୀ ସାମନ୍ତ ସଙ୍ଗର
ବିଭୀଷିକା ଶାନ୍ତ ହେଲା ଆତ୍ମଗୋପନର ॥

ଦ୍ୱିତୀୟ ସର୍ଗ

ରାଗ - ଷୋଡ଼ଶାକ୍ଷରୀ

ଗନ୍ଧମାର୍ଦ୍ଦନ ପର୍ବତ ବର୍ଣ୍ଣନା

ଶୁଣ କୋବିଦେ ଭାରତ ଖଣ୍ଡେ କୋଶଳ ଚରିତ
ଷଡ଼ ଐଶ୍ୱର୍ଯ୍ୟ(୧) ଭୋଗ ଅନ୍ତରେ ଖଣ୍ଡିବ ଦୂରିତ ॥
ଅତ୍ୟନ୍ତ ପବିତ୍ର ଭୂମି ଭାରତେ ଏହି କୋଶଳା
ଶୋଭା ପାଉଅଛି ତା କଟି ମଧ୍ୟେ ମଣି ମେଖଳା(୨) ॥
ବିବିଧ କାନନ ଭରା ସରିତେ ଗିରି ପୂରିତ
ଶୋଭା ଭଣ୍ଡାର ଜଗତେ ଏହି ଗନ୍ଧ ପର୍ବତ ॥
ଗନ୍ଧମାର୍ଦ୍ଦନ ପର୍ବତେ ସଦା ସୁଖ ବିଚରେ
ସମସ୍ତ ଜଗତ ଲାବଣ୍ୟ ରୂପ ମନକୁ ହରେ ॥
ମଳୟ ଶିଖର ସମୀର ସଦା କରଇ ବାସ
ଭ୍ରମଣକାରୀଙ୍କ ହୃଦୟ ହରି କରେ ଉଲ୍ଲାସ ॥
ଅତି ଉଚ୍ଚ ଗିରି ପର୍ବତ ନଭଶ୍ଚୁମ୍ବି (୩) ଯା ଶିଖ
ଦର୍ଶନକାରୀଙ୍କ ମନରେ ସେହୁ ଦିଅଇ ସୁଖ ॥
ଉଦୟାଚଳରୁ ବ୍ୟାପିଛି ଅସ୍ତ ଅଚଳ ଯାଏ
ରବି ଚନ୍ଦ୍ର ପଥ ସତେ କି' ଏହା ମନକୁ ପାଏ ॥
ଦ୍ୱାଦଶ ଯୋଜନ ଲମ୍ବିଛି ସର୍ପିଳ (୪) ଗତି ତା'ର
ଅହି ରାଜ ପ୍ରାୟ ବିରାଜେ କମ୍ପିତ ହୃଦୟର ॥
ଉତ୍‌ଥାନ ପତନେ ବ୍ୟାପିଛି ଗିରି ଅତି ସୁଦୂର
ପୁଷ୍ପମାଳା ପରି ରାଜୁଛି କୋଶଳର ଗଳାର ॥
ତୁଙ୍ଗ ଶୃଙ୍ଗ ଗଣ ଚୁମ୍ବନ୍ତି ନଭ ଗର୍ଭ ଗହଣ
ବରାହ ରୂପେକି' ଶ୍ରୀହରି ଟେକି ମହି ଶୋଭନ ॥
କିବା ଗଗନକୁ ଟେକିଛି ଧରି ସେ ଗିରି ଶୃଙ୍ଗ
ଶେଷ ଶିର ପ୍ରାୟ ବୋହଛି କିସେ ଅବନି ତୁଙ୍ଗ ॥

କିବା ବିଶ୍ୱାମିତ୍ର ତ୍ରିଶଙ୍କୁ ତପେ ନୂତନ ସ୍ୱର୍ଗେ
ଆସ୍ଥାନ ରଚଇ ସ୍ଥାପିଛି ତାର ନିବାସ ଶୃଙ୍ଗେ ॥
ବାରିଧର ପଥେ କରଇ ତହିଁ ଶ୍ରମ ବାରଣ
ସୁଦୂର ପଥିକ ଲାଘବ ହୁଏ ଭାର ବହନ ॥
କିବା ସ୍ୱର୍ଗପଥ ରଚିଛି ବିଭୁ ବିଚାରେ କବି
ସ୍ତର ସ୍ତର ସପ୍ତ ସ୍ତରରେ ନଭ ଗହ୍ୱର ଲମ୍ଭି ॥
ମହିଧର ନାମ ସାର୍ଥକ ବୋହି ସେ ମହାଗିରି
ମହି ରୁହ(୫) ଦେହେ ବୋହିଛି ଉଦ୍ଭିଦ ଜରି(୬) ଧରି ॥
ମହତ ହୃଦୟ ଗୁଣକୁ ଧରି ଏ ଗିରି ରାଜ
ମହା ଶୈଳଶିଳା ବୋହିଛି ଶିରେ ସୁ କରି ରାଜ (୭) ॥
ହିମଗିରି ଭ୍ରାନ୍ତି ଦିଅଇ ହୃଦେ ସେ ମହାଗିରି
ଶ୍ରୋତସ୍ୱିନୀ (୮) ଜଳ ଶିଖରେ ଯଦା ପ୍ରସାରୀ ॥
ଝରର ଝଙ୍କାର ଶବଦ ଯେବେ ପଡ଼ଇ କର୍ଣ୍ଣେ
ଓଁକାର ମନ୍ତ୍ରକି' ଝଙ୍କୃତ ହୁଏ ସଦାକାନନେ ॥
ଝିମିଝିମି ସ୍ୱର ଝଙ୍କୃତ ସଦା ଝିଙ୍କାରୀ କୀଟ
ଅର୍ଥୀ ଜନଙ୍କର କାନନ କାନେ ହରଇ ଚିତ୍ତ ॥
ନିଶିଥେ (୯) ମରୁତ ବହଇ ଯେବେ ଗିରିଗହ୍ୱରେ
ମହାଗରଜନ କାନନେ ସତେ ମହାସାଗରେ ॥
ବିପଣି ପରାୟେ ଆପଣ ଧରି ସେ ଗିରିରାଜ
ବିବିଧ ରତନେ ପୁରିତ ଶୋଭେ ଆତ୍ମ ବକ୍ଷଜ ॥
ସୁନୀଳ ଶ୍ୟାମଳ ବରନ ରୂପ ଅତି ମଧୁର
ନୟନେ ପୁଲକ କରଇ ଯଥା ମହାସାଗର ॥
ଉତ୍‌ଗାରିତ ବଲ୍ମିକ ଚିତ୍ରିତ ଇନ୍ଦ୍ରଧନୁ ଜ୍ୟୋତି
ଅପହୃତ କୃଷ୍ଣରୂପ କେକାପିଛ ଶୁଭ୍ର କାନ୍ତି ॥
ହରହରିଝର ପ୍ଲାବିତ ଯହିଁ ଶୋଭା ଅବନି
ଗଙ୍ଗା ଓ ଯମୁନା ପରାୟେ ପବି ପୁଣ୍ୟକାରିଣୀ ॥
ପିନାକି(୧୦) ରୂପକୁ ଆଦରି ଧରି ଧ୍ୱଜ୍ଜାର ଯାଇ

ଗୁପ୍ତଗଙ୍ଗା ବିଷଧର ଧୂମ ଭସ୍ମ ଲେପି ଥାଇ ॥
ଧ୍ୟାନରତ ଯୋଗୀ ରୂପୀ ବୃଷାଶନି(୧୧) ମହାକୋପେ
ସ୍ତମ୍ଭୀଭୂତ ରହିଅଛି ଗିରି ଯୁଗେଯୁଗେ ଆପେ ॥
ପକ୍ଷଛେଦ କରିବାରୁ ବଜ୍ର ଧରେ ପଥରୋଧି
ପ୍ରତିଶୋଧ ନେବାପାଇଁ ଚାହିଁଅଛି ପଥ କ୍ରୋଧି ॥
ଧୂସର ବରଣ ଯଦାଦିଶେ ଐରାବତ ପ୍ରାୟ
ଦାବାନଳ ଲାଗି ବନ ସ୍ୱର୍ଣ୍ଣହାର ଭୂଷା କାୟ ॥
ଉଚ୍ଚୈଶ୍ରବା[୧୨] ରୂପକୁ ସେ ଲୋକେ ଜିଣିବାକୁ ଗିରି
ବିବିଧ ରତନେ ଭୂଷା ସର୍ବଗାତ୍ରରେ(୧୩) ସେ ଧରି ॥
ଶତ ଶତ ଗୁଳ୍ମ ଭେଷଜ ଗଣ ଜନ୍ମ ପର୍ବତେ
ଫଳ ଫୁଲ ମୂଳ ପତ୍ର ତୋୟ ନିର୍ଝର ସହିତେ ॥
ଆମ୍ରକୁଟ ଚାରକୁଟ ମହାକୁଟ ଲୋଧ୍ର ପଞ୍ଚବଟ
ବିପିନେ ବିପିନେ ରଚି ଗିରି କରିଅଛି ଥାଟ ॥
ଶାଳ, ପିଆଶାଳ, କେନ୍ଦୁ, ବର, ପାଙ୍କେଳ, କରଲା
ଧଉଁରା, ଧାସେନ, ଧୋବି, ଗଳେ କରିଅଛି ମାଳା ॥
ଶିମୂଳି, ଶାଳିଆ, ଶିଶୁ, ଚାର, ମହୁଲ, ରେଙ୍ଗାଳ
ବରଡ଼ା, ଶାହାଜ, ଅର୍ଜୁନ, ଶିଜୁ, ପିଚୁ, ତେତେଳ ॥
ଅମଳକୀ, ହରିତକୀ, ବାହାଡ଼ା, ଅମର, ଭେଦୀ
ଚନ୍ଧୁର, ସୁନାଲବଡ଼ା, ତାଳମୂଳି, ମହୋଷଧି ॥
ନାରଙ୍ଗି, ନାରୀକେଳ, ଚ୍ୟୁତ, ଫଳ, ମାୟା, ଟଭା
ଜମ୍ବୁ, ଜମ୍ବିଳ, ଲେମ୍ବୁ, କମଣ୍ଡଲୁ, କରଭଙ୍ଗା ॥
କଦଳୀ, ପିଜୁଳି, ପିପ୍ପଳି, ଡିମିରୀ, ଗଡ଼ୁଫୁଲ
ରାମ, ପିଟ, କେଉ, କନ୍ଦା, କଳ, ନାନାବିଧ, ମୂଳ
ଭୂମି କଖାରୁ, ଗୁଳୁଚି, ଗଭୁଡ଼, ଯେ ଅଶ୍ୱଗନ୍ଧା
ମହାକାଳ, ଇନ୍ଦ୍ରଜାଲ, ବଣଲତା, ଶିବଜଟା ॥
ବିଶଲ୍ୟକରଣୀ, ଧାତୁକି, ଯେ ବିବିଧ ମଦାଙ୍ଗ
କହିଲେନ ସରେ ଏହି ପର୍ବତର ମାନତୁଙ୍ଗ ॥

ଫୁଲ ଫଳ ପତ୍ର ତୋୟ ମାଳିନୀ ଗନ୍ଧଗିରି
ମହୋଷଧି ମହୋଦଧି ସର୍ବଗୁଣ ରୂପ ଶିରୀ ॥
ଝରଣା ମାଳିନୀ ଏହି ଗନ୍ଧମାର୍ଦ୍ଦନ ପର୍ବତ
ଦର୍ଶନାଭିଳାଷୀ ଜନଙ୍କ ସଦା ହରଇ ଚିତ୍ତ ॥
ଜନେ, ପ୍ରବେଶିଲେ ରାଣୀ ଭୀମ ତୋରଣ ତଳ
ଘମ ଘମ ଘର୍ମ ନିଗାଡୁ ଅଛି ଭେଦି ବସ୍ତ୍ରାଞ୍ଚଳ ॥
ନାସାରୁ ବହଇ ସଦା ଅଣଚାଷ ବାତ
ସୈନ୍ୟ ପାଦ ଘାତେ ବନେ ସୃଜଇ ଯେ ବହୁ ଗାତ ॥
ଚନ୍ଦନ ବନରୁ ଶୀତଳ ସମୀର ଧୀରେ ବହି
ଅତି ସୁଖେ ରାତ୍ର ଯାପିଲେ ସୈନ୍ୟ ଅଚେତ ହୋଇ ॥

ତୃତୀୟ ସର୍ଗ

ରାଗ - କେଦାର / ଚକ୍ରକେଳି

ସନ୍ଧ୍ୟା ବର୍ଣ୍ଣନା, ରାଣୀମାନଙ୍କ ଆତ୍ମ ବିସର୍ଜନ

ଅସ୍ତା - ଚଳଚୂଳେ ବିଜେ ତପନ
ରତ ରତ ରତ ବ୍ୟସ୍ତକୁ ମନ ॥
ସୁନେଲୀ କିରଣ ଦେଲେ ପ୍ରସାରୀ
ନବ ବଧୂ ପ୍ରାୟେ ପ୍ରଦୋଷ ନାରୀ ॥
ବିହଙ୍ଗ ବାଦୁଡ଼ି ବସାକୁ ଗଲେ
ଗୋରୁ ପଲ ପଲ ଗୋଷ୍ଠେ ଗମିଲେ ॥
ଗୋଧୂଳି ଧୂଷର ଗଗନ ରଞ୍ଜି
କୁମ୍ଭିପଟି ପ୍ରାୟେ ଦିଶଇ ରଙ୍ଗି ॥
ନୀଳ ଲୋହିତ ରଙ୍ଗ ପ୍ରାଞ୍ଚୀ ତନୁ
ଦେଖିଲା ଜନଙ୍କ ନ ଯାଏ ମନୁ ॥
ପଞ୍ଚପ୍ରାଣ ଯେହ୍ନେ ଦେହରୁ ଗତ
ଆଲୋକ ଛାଡ଼ିଲା ସାରା ଜଗତ ॥
ନିଶୀ ଘୋଟିଲାଣି ବେଳକୁ ବେଳ
ତାରାଗଣ ଉଦେ ବ୍ୟୋମ ମଣ୍ଡଳ ॥
ବିୟୋଗୀ ଜନଙ୍କ ଦୁଃଖ ଅପାର
ସଂଯୋଗୀଜନଙ୍କ ସୁଖ ସଂସାର ॥
ନିଶାଚର ଗଣେ ସୁଖେ ଭ୍ରମିଲେ
ଦିବାଚର ଯେତେ ସ୍ତବ୍ଧ ହୋଇଲେ ॥
ବିଲ ବଣେ ରଡ଼ି ଛାଡ଼ି ବିଲୁଆ
ସଞ୍ଜ ବାଆ ବହେ ତୁହାକୁ ତୁହା ॥
କେଁ କଟର ଶବ୍ଦ ବଂଶର ସ୍ୱନ
ଭୟେ ରାଣୀ ଚେତି ରହିଲେ ବନ ॥

ଅନ୍ଧକାରମୟ ହେଲା ଅରଣ୍ୟ
ଝିଙ୍କାରୀ କରିଲେ ରାତ୍ରେ କୀର୍ତ୍ତନ ॥
କେତେ ତ୍ରାସ କେତେ ଦମ୍ଭ ରହଇ
କେତେ ଧୈର୍ଯ୍ୟ କେତେ ହତାସ ହୋଇ ॥
ସ୍ୱପିତ ସାମନ୍ତ କରି ଦର୍ଶନ
ତିନିହେ ମହିଷୀ କଲେ ଗମନ ॥
ମନ୍ଦ ମନ୍ଦ ଗତି ଅରଣ୍ୟେ କଲେ
ବନ ଦୁର୍ଗା କତି ପ୍ରବେଶ ହେଲେ ।
ବିଜୟା ନାଶୀଲେ ପ୍ରାଣ ତହିଁ କି
ବୈଜୟନ୍ତୀ ଝର ଜଳେ ଯାଇକି ॥
ଜୟନ୍ତୀ ବିକଳେ କଲେ ରୋଦନ
ଗର୍ଭର ସନ୍ତାନ ସ୍ମରିଲେ ମନ ॥
ବେଳୁ ବେଳ ଗର୍ଭ ଚିନ୍ତା ଘାରିଲା
ପ୍ରାଣ ତ୍ୟାଗେ ସିନା ପାପ ହୋଇଲା ॥
ଏମନ୍ତ ବିଚାରି କଲେ ରୋଦନ
ରଖ ହେ ଦୁର୍ଗେ ମାଁ ଗଲିଁ ଶରଣ ॥
ଅନାଥିନୀ ମୁହିଁ ଅଭାଗା ନାରୀ
ତୁମେ ନରଖିଲେ ଗଲିଟି ସରି ॥
ଏମନ୍ତ ଭାବିଣ ଭୂମିରେ ଲୋଟି
କାନ୍ଦିଲେ ଅରଣ୍ୟେ ହୃଦୟ ଫାଟି ॥
ଶୂନ୍ୟ ବାଣୀ ହେଲା ଉଠରେ ରାଣୀ
ଦୁଃଖ ଦୂର ତୋର ହେବ ଏକ୍ଷଣି ॥
ଅଳପ ଦିବସେ ପୁତ୍ର ସନ୍ତାନ
ଦେଉଛି ପାଇତୁ ହୋଇବୁ ଧନ୍ୟ ॥
ସେ ପୁତ୍ର ରାଜା ବୈ ପାଟଣାଗଡ଼େ
ବଚନଟି ଘେନ ହୃଦେ ପ୍ରଗାଢ଼େ ॥
ଏମନ୍ତ ଶୁଣିଣ ହରସ ହେଲେ
ଶ୍ରୀ ଦୁର୍ଗା ଚରଣେ ଶରଣ ଗଲେ ॥

ଚତୁର୍ଥ ସର୍ଗ

ରାଗ - ବସନ୍ତ ବରାଡ଼ି / ମଧୁପ ଚଉତିଶା ବାଣୀ

ପ୍ରଭାତ ବର୍ଣ୍ଣନା, ଶବରଙ୍କ ଫଳମୂଳ ଆହରଣ, ରାମୁଲୁ ଶବରର ଜୟନ୍ତୀରାଣୀଙ୍କୁ ଦର୍ଶନ ।

୧.

ଏଥୁ ଅନନ୍ତରେନିଶୀ[୧]ର ଅନ୍ତରେ ପ୍ରଭାତ ପ୍ରବେଶ ହୋଇଲା
ଜୀବ ଜଗତରେ ସଂଞ୍ଜିବନୀ ପ୍ରାୟେ ଆଲୋକ ପ୍ରକାଶ ପାଇଲା
କୁକ୍କୁଟ, ରାମରାମ ରଡ଼ି ଛାଡ଼ିଲା ।
କପୋତ କୁମ୍ଭାଟ ହୋଇଣ ଉଚ୍ଚାଟ କୁହୁକୁହୁ ରଟ କମ୍ପିଲା ।

୨.

ଖରତର ହୋଇ ରାତ୍ର ଚରଚରୀ ପ୍ରଭାତ ଭୟରେ ଗମିଲେ
ଦିବାଚର ବୃନ୍ଦ ହୋଇଣ ଆନନ୍ଦ ବିହାରେ ବିହରି ନାଚିଲେ ॥
ସମୀର, ମନ୍ଦ ମନ୍ଦ ଗଢ଼ି କରଇ
ଭ୍ରମର ଭ୍ରମରୀ ସପ୍ତସ୍ୱର କରି ପୁଷ୍ପବାଟି ବାଟି (୨) ଭ୍ରମଇ ॥ ୨ ॥

୩.

କୁଶଳ ନର୍ତ୍ତକୀ ପରାୟେ ଭ୍ରମରୀ କୁସୁମେ କୁସୁମେ ନାଚଇ
ସ୍ତବକ ମାନିନୀ ପରାୟେ ସଜନୀ ସମୀର ଦୋଳନେ ବାରଇ
ଲଂପଟ, ନାହିଁ ମୋ ହୃଦୟେ ତୋ ବାସ ।
ରାତ୍ରେ କମଳିନୀ ସଙ୍ଗେ ସଙ୍ଗ ଧନୀ ତଥାପି ମୋ ଠାରେ ତୋ ଆଶ ।

୪.

କୁସୁମ ତଳପ କବିର କଳପ ମୁଖେ ନ ପାରଇ ପ୍ରକାଶି
ସୁବର୍ଣ୍ଣ କବରି ରତ୍ନଭୂଷା ପରି ବିବିଧ ବରନେ ବିକଶି ।

ବକୁଳ, ମୁର୍ମୁର ଶବଦ ଚାଳନେ
ବିଯୋଗୀ ଜନଙ୍କ ଧୈର୍ଯ୍ୟ ଚ୍ୟୁତ ହୁଏ ଆହ୍ଲାଦ ସଂଯୋଗୀ ଜନେ ॥

୫.
ସୁପ୍ତ ପକ୍ଷୀ କୁଳ ହୋଇ କଳକଳ ବିପିନ କମ୍ପାଇ ଦେଲେ
ଉଠରେ ଉଠରେ କର୍ମଠ ହୁଅରେ ଏମନ୍ତ ଏମନ୍ତ ଭାଷିଲେ।
ନିଝର, ଆହ୍ଲାଦ କରଇ ଗ୍ରାହକେ
ଗନ୍ଧଗିରି ପ୍ରାତ ଭୋଗକର ଭ୍ରାତ ଚାଲି ଆସ ଅତି ଉତ୍ସୁକେ ॥

୬.
ନ ହୁଅ ବିରସ କ୍ଳାନ୍ତି ଅବକ୍ଳେଶ ବିଶ୍ୱଦେଖ ମଧୁମୟ
ମଧୁର ଝରଣା କରିବ ହରଣ ତୋ ପାପ ମରଣ ଭୟ
ଜୀବନ, ସଂସାରେ କି' ଅଛି ଅନ୍ୟରେ
ସଂପଦେ ବିପଦେ ପ୍ରାଣୀ ଅହଂବାଦେ ଗରବ ଜଞ୍ଜାଳ ଶୂନ୍ୟରେ ॥

୭.
ମୃତପିଣ୍ଡ ପ୍ରାୟେ ଗଗନେ ଯେତେକ ମଉଳି ଗଲେ ତାରାଗଣ
ନିଷ୍ପ୍ରଭ ଚନ୍ଦ୍ରମା ପାପପିଣ୍ଡ ଆତ୍ମା ପ୍ରଭାତୀ ହୋଇଲା ମଳିନ
ଆଲୋକ, କ୍ରମେ କ୍ରମେ ଉର୍ଦ୍ଧେ ଉଠଇ
ଲୋହିତ ବସନ କରିଣ ଆସନ ଉଷାରାଣୀ ନଭେ ବସଇ ।

୮.
ଶ୍ରୀରାଧା ବାତୁଳୀ ହୋଇ ପ୍ରେମାତୁଳୀ ଶ୍ରୀକୃଷ୍ଣେ କରଇ ଗମନ
ତେସନ ପରାୟେ ଅନ୍ତରୀକ୍ଷ(୧) ରାୟେ ଉଷାରାଣୀ ଗଣ୍ଡେ ଚୁମ୍ବନ
କିଅବା, ଶଙ୍କର ଶଙ୍କରୀ ମିଳନ।
ତ୍ରିରଙ୍ଗ(୨) ରତନ ଜଗତ ବନ୍ଦନ ତ୍ରିଦେବ(୩) ପ୍ରାୟେ ହରେ ମନ ॥

୯.
ପ୍ରବାଳ ଲୋହିତ ଉଦୟ ଭାସୁର(୪) ସାଧବ(୫) କୀଟ ପ୍ରାୟେ ଜାତ
ପ୍ରକାଶେ ଆଲୋକ କାଳିଦାଶ ଶ୍ଳୋକ ଯତି ଜ୍ୟୋତି ଜନଜାଗ୍ରତ
ସୁଜନେ, ରବି କର ଯେବେ ପଡ଼ଇ
ମୁକୁର ଅଭର ଚନ୍ଦ୍ରକାନ୍ତି ପସ୍ତ ରଶ୍ମିଗୁଣ କେବା କଳଇ ॥

୧୦.
ପଲ୍ଲବ କୁସୁମ ଶିରିଷ କୁସୁମ ରବିରଶ୍ମି ଯେବେ ପଡ଼ଇ
ସର୍ବତ୍ର ଦିଶଇ ବ୍ରହ୍ମମୟ ଜ୍ୟୋତି ଅନୁଭୂତ ଭବେ ସେହି
ଭାବୁକେ ଭାବମୟେ ସିନା ବୁଝିବେ
ନଜାଣି ନଶୁଣି ଜଡ଼ ହୃଦପ୍ରାଣୀ ଅକାରଣେ ସିନା ଯୁଝିବେ ॥

୧୧.
ନିରସ ଅଳସ ହୋଇଣ ବିରସ ପ୍ରସ୍ତର(୧) କଳ୍ପନା କରିବେ
ବିବୁଧ ସରସ ହୋଇଣ ସାରସ କଣ୍ଠେ ମାଳା କରି ଗାଇବେ
ଭାବୁକେ, ସାରସ୍ୱତ ତହିଁ ଲଭିବେ।
ଜଡ଼ ମୂର୍ଖ ଜନ ମୁଖ ନେତ୍ର କର୍ଣ୍ଣ ଅସ୍ମ[୨]ଲୋଷ୍ଟ[୩] ପରି ଦେଖିବେ।

୧୨.
ସୁନେଲୀ କିରଣ ଅରଣ୍ୟେ ଗଡ଼ିଣ ହେମଗିରି ପ୍ରାୟେ ଦିଶଇ
କୁସୁମ ସୁଗନ୍ଧ ନାମ ଗିରିଗନ୍ଧ ସର୍ଥକ କି' ସେହି କରଇ
ରଜତ(୪), ପ୍ରାୟେ ଜଳ ଜଳ ଦିଶଇ।
କୈଳାସ ପର୍ବତ ହୋଇଣ ଉଦିତ ଦୀପ୍ତିବ ଦଳ ଦଳ ବହଇ ॥

୧୩. ମଲ୍ଲିକା ଟଗର କେତକୀ କେଶର ମାଧବୀ ମାଳତୀ ମନ୍ଦାର
ଜାଇ ଜୁଇ ଫୁଲ ତହି ମାଲମାଲ ମହକ ରଜନୀ ଗନ୍ଧାର
ସୁଜନେ, କେତେ ବାସ କେତେପ୍ରକାର
ସହସ୍ର କୁସୁମ ବିକଶିତ ସମ ନାମ ପ୍ରକାଶିବି କାହାର ॥

୧୪.
ସ୍ଥଳ ପଦ୍ମ ଗଭା ମହ ମହ ରମ୍ଭା ବଉଳ ମହୁଳ ବକୁଳ
ନାଗେଶ୍ୱର ଚମ୍ପା କୁରୁବଳ ପେଣ୍ଟା ଶିଂଶପା ଶିରିଷ ମଞ୍ଜୁଳ
ସେ ଗନ୍ଧ, ବନେ ଉପବନେ ମହକେ,
ଦର୍ଶକ ଭାବୁକ ଚିତ୍ତ ହିଁ ବିବେକ ମନଲାଖି ଯିବ ପଲକେ।

୧୫.
ଯେ ଜନ ଗମନ କରିବ ସେ ସ୍ଥାନ ଅହର୍ନିଶୀ ଝୁରୁଥାଇ
ଭାବିଲେ ଚିନ୍ତିଲେ ଧୈର୍ଯ୍ୟଚ୍ୟୁତ ହୁଏ ଗମନେ ପାଦ ନପଡ଼ଇ
ଏ ମନ ଛାଡ଼ିଯିବାକୁ କେବେ ମାନେନା
ଜୀବନରେ ଥରେ ଦର୍ଶନ କରିଲେ ଧନ୍ୟ ଜୀବନ ସେହିସିନା।

୧୬.
କାଶ୍ମିର, ଇଟାଲୀ ଫଳଘର ବୋଲି ଜଗତେ ରହିଛି ପ୍ରସିଦ୍ଧ
ଗନ୍ଧଗିରି କଥା ମନରେ ରଖିଥା ସଂସାରେ ନ ହୁଅ ତୁ ବଦ୍ଧ
ବିବୁଧେ, ପତିତ ପ୍ରଭାତ କାଳର
ଗନ୍ଧଗିରି ଦେହେ ଫୁଲଫଳ ମୟେ ପାଦ ନ ପଡ଼ଇ ତଳର।

୧୭.
ଚୂତ କେନ୍ଦୁ ଚାର ପଣସ ଖଜୁର ସିଜୁ ପିଜୁଳି ନାରିକେଳ
ନାରଙ୍ଗି ବଡେଲ(୧) ପାଙ୍କେଳ ଡୁମେର କଦଳୀ କରମଙ୍ଗାବେଲ
ତେନ୍ତୁଳି, ହରିଡ଼ା, ବାହାଡ଼ା ଅଁଳା।
ଜମ୍ବୁ ଟେଭା ସେଓ ଦିଶେ ଦାଉଦାଉ ବିଭବ(୨)ପର୍ବତମାଳା

୧୮.
କହିଲେ ନସରେ ପର୍ବତ ମାନରେ ଅନ୍ୟ କଥା ମନେ ଘେନ
ଅଚେତ ଚେତନ ପ୍ରାତର ପବନ ଜୟନ୍ତୀ କରନ୍ତି ରୋଦନ

ଅରଣ୍ୟେ, ବୃକ୍ଷଲତା ରାଜି ଗହଣେ
ପଲ୍ଲବ ଶିଶିର ଅଶ୍ରୁ ନୀରଧାର ପ୍ରାୟ ବିନ୍ଦୁ ବିନ୍ଦୁ ପତନେ।

୧୯.
ରୋଦନ ଶୁଣିଣ ବନଯୁଥ(୩)ଗଣ ନିମିଷେ ନିସ୍ତବ୍ଧ ହେଲେ
ଚାରି ଆଡ଼େ ବେଢ଼ି ଦେଖନ୍ତି, ଅଜାଡ଼ି ଜୟନ୍ତୀ ଅନ୍ତରାଳେ
ଭାବନ୍ତି ରାଣୀଙ୍କୁ ଯେ ଯୁଥେ ବୁଝାନ୍ତେ
ବିଧାତା ନିର୍ବୋଧ ଆମଙ୍କୁ ସକ୍ରୋଧ କିଂପାଇ ଏମନ୍ତ କରନ୍ତେ।

୨୦.
ଏମନ୍ତ ସମୟେ ସୌଭାଗ୍ୟ ଉଦୟେ ବନେଚର(୫) ଗଣ ମିଳିଲେ
ପତଙ୍ଗ ପରାୟେ ଗନ୍ଧ ଗିରିଠାଏ ଫଳ ଆହରଣେ ଧାଇଁଲେ
ଉତ୍ସୁକେ, ଗୀତ ଗାଇ ଗାଇ ବୁଲନ୍ତି
ଯେ ଯାହା ଇଛନ୍ତି ଫୁଲ ଫଳ ପଂକ୍ତି ଗୋଟାଇ ଗୋଟାଇ ଚାଲନ୍ତି।

(୨୧)
ରାମୁଲୁ ଶବର ସ୍ୱଭାର୍ଯ୍ୟା ସଙ୍ଗର ଫଳମୂଳ ବନଗନ୍ତୁକ
ସ୍କନ୍ଦେ ଧରି ଶର ଧାମେନ ଗଛର ଶିବ ଧନୁ ତୁଲ୍ୟ କାର୍ମୁକ।
କୁଠାର, ପର୍ଶୁରାମ କିବା ସେହି
ଧନୁର ଟଙ୍କାର କରିଣ ହୁଙ୍କାର ରାମଲକ୍ଷ୍ମଣ ଅବା ସେହି।

(୨୨)
ଝାଙ୍ଗି ଧରି ମାଲେ ଆଗେ ଆଗେ ଚାଲେ ପଛେ ପଛେ ଚାଲେ ଶବର
ଖଣତି କୁଦାଳ ଗ୍ରୀବାଟି ପ୍ରବାଳ ଫୁଲମାଳ ମାଲ ଖୁଷାର।
କସ୍ତୁରୀ ମହ ମହ ବାସେ ତା ଦେହ
ଟୁପୁ ଟୁପୁ ଭାଷା ଭାଷଇ ସରସ ବନ କଥା ପଦେ କହ ॥

(୨୩)
ଏ ସ୍ଥାନ ବଚନ ବୃନ୍ଦାବନ ଜାଣ ସେହିଟି ଗୁପତେଶ୍ୱର
ଯୁଗ ଯୁଗ ଧରି ଗନ୍ଧଗିରୋପରି କୋକିଳ ମୟୂର ସୁସ୍ୱର
ସେ ସ୍ଥାନେ, କରନ୍ତି ବନ ଦୁର୍ଗା ବାସ
ଚାଲ ଯିବା ତହି ଦେଖିବ ଗୋ ସହି ଲଭିବୁ ପରମ ସନ୍ତୋଷ ॥

(୨୪)
ଫୁଲ ଫଳ ଭରା ଗନ୍ଧଗିରି ତୋରା ହରଷ ହରଷ ମନରେ
କେତେ ଫଳ ମୂଳ ରାମ ପିଟ ମୂଳ ପୁରାଇ ପୁରାଇ ଝାମ୍ପିରେ
ସେମାନେ, ଗୀତ ଗାଇ ଗାଇ ଚାଲଇ ।
ପ୍ରବେଶ ହୋଇଲେ ନିବିଡ଼ ଜଙ୍ଗଲେ ବନଦୁର୍ଗା ଯହିଁ ବସଇ ।

୨୫
ଶବର ଦଂପତ୍ତି ନୟନ ତଡ଼ତି ଦିବ୍ୟ ନାରୀଠାରେ ପଡ଼ିଲା
ଆଶ୍ୱିନ ମାସର ନିର୍ମଳ ଆକାଶେ ବିଜୁଳି ସତେକି ଝଲିଲା
ଭାବନ୍ତି ବନଦୁର୍ଗା କିମ୍ବା ଉଦୟେ
ଅବା ଅପସରି ସ୍ୱର୍ଗ ଛାଡ଼ିକରି ଗନ୍ଧମାର୍ଦ୍ଦନେ କି ବିରାଜେ ॥

୨୬.
କିମ୍ବା ବିଷ୍ଣୁନାରୀ ଅଥବା ଶଙ୍କରୀ ବନେ ରାମନାରୀ ଗମଇ
କିମ୍ବା ପିଶାଚୁଣୀ ଅଥବା ଡାହାଣୀ ବନ ବନ୍ତାନ୍ତରେ ଭ୍ରମଇ
ଭାବନ୍ତି, କେତେ ଭୟେ କେତେ ଦମ୍ଭରେ
କିଏ ଦିବ୍ୟ ନାରୀ ଆସିଛ କୁମାରୀ କହ ତବ ନାମ ମୋ ଠାରେ ।

(୨୭)
ଦେଖ, ଏହି ଶର ଧନୁ ମୋ କୁଠାର କରିବି ମସ୍ତକ ଛେଦନ
ନ କର ତୁ ଭୟ ହୋଇଣ ସଦୟ ସତ୍ୱର ପ୍ରକାଶ ତୋ ନାମ

ରାମୁଲୁ, ଏସନ୍ତ ପ୍ରକାଶ କରନ୍ତେ
ଜୟନ୍ତୀ ରୋଦନ କମ୍ପିଲା କାନନ ଅଥୟ ସଭୟ ବିଷାଦେ।

(୨୮)
ନାରୀର କ୍ରନ୍ଦନ ଶବର ଶୁଣିଣ ଧୀରେଧୀରେ କଲେ ପ୍ରକାଶ
କିଏ ଗୋ ସୁନ୍ଦରୀ କାହାଘର ନାରୀ କିଂପାଇଁ ଏଠାରେ ପ୍ରବେଶ
କେ ମୂର୍ଖ, ଏହି ଛାଡ଼ି ଦେଇ ଉସ୍ୱାସ।
କି ଦୋଷେ ତୁମକୁ ଛାଡ଼ିଛି ବନକୁ କେଉଁଠି ତୁମର ନିବାସ।
(୨୯)
କି ଅବା ପିଅର ନଣଦ ଦିଅର ଶାଶୁ ଜେଠୁଣୀ ଅପମାନ
ଆତ୍ମହତ୍ୟା ଅର୍ଥେ ହୋଇଣ ବିଅର୍ଥେ କରୁଛୁ ଏଠାରେ କ୍ରନ୍ଦନ
କି ଅବା ଯଉତୁକ ଭିକ୍ଷା ଯାଚନ୍ତେ,
ପତିର ପିପାସା ହୋଇଣ ନିରାଶା ବନଦୁର୍ଗେ ପଶୁ ଏକାନ୍ତେ ॥

(୩୦)
ଜୟନ୍ତୀ ଶୁଣିଣ ଶବର ବଚନ ମନ୍ଦ ମନ୍ଦ ସ୍ୱରେ ଭାଷିଲା
କର୍ମର ଅବଳେ ପଶିଛି ଜଙ୍ଗଲେ ଶୁଣହେ ନିଷାଦ ବୋଇଲା
ଅଭାଗା ଦୁଃଖିନୀ ବୈଦେହୀ ସଦୃଶା
ରାଜ୍ୟ ଭୋଗ ହାରି ହେଲି ବନଚାରୀ କହିହେବ ନାହିଁ ଦୁର୍ଦ୍ଦଶା ॥

(୩୧)
ଏମନ୍ତ ବଚନ କହି ସେ ମଉନ ନୀର ଗଡ଼ାଇଲେ ନୟନେ
ବପୁ କଂପମାନ ହୃଦୟ ସ୍ପନ୍ଦନ ଦୁଃଖ ନ ସମ୍ଭାଳି ସେ ମନେ
ଭୂମିରେ ପଡ଼ିଲେ ହୋଇ ଚେତାଶୂନ୍ୟ
ଶବର ଦଂପତ୍ତି ଧାଇଣ ତଡ଼ତି କଲେ ଅଚେତନ ଚେତନ ॥

(୩୨)
ଜବେ ଯାଇ ମାଲେ ଆଣି ଜଳ ଢାଲେ ନିକଷା ଶ୍ରୋତସ୍ୱିନୀ କୂଳ
ରାଣୀଙ୍କ ମୁଖରେ ନୀର ସିଞ୍ଚିଥିଲେ ଚେତନ କଲେ ସେ କାଳ
ସୁସ୍ୱାଦୁ, ଫଳ ମୂଳ ଭୁଞ୍ଜାଇ ଦେଲେ।
ଆଦର ସତ୍କାର ଅମୃତ ବଚନେ ସାନ୍ତ୍ୱନା ବାଣୀ ପରସିଲେ ॥

(୩୩)
ରାମ ନାରୀ ପ୍ରାୟେ ପଲ୍ଲବ କୁଟୀରେ ରହିବୁ ଆମ ସଙ୍ଗର
ଘୁଞ୍ଚିଯିବ ଦଶା ଲଭିବୁ ସୁଦଶା କିଛିତୁ ଭାଳେଣି ନକର
ଆଲୋ ମାଁ ବିଗତ ଦଶାକୁ ନ ଧର।
ଏମନ୍ତ ପ୍ରକାର ଦମ୍ପତ୍ତି ଶବର ସାନ୍ତ୍ୱନା କରାଇ ସତ୍ୱର ॥ (୩୪)

ଏମନ୍ତ କହିଣ ସେହି ବେନି ଜନ ସଙ୍ଗତେ ରାଣୀଙ୍କୁ ନେଲେ
ଶବର ପଲ୍ଲୀର ପର୍ଣ୍ଣକୁଟୀରେ ପୌଷ୍ୟପୁତ୍ରୀ ରୂପେ ପାଳିଲେ
ଜୟନ୍ତୀ, ଆନନ୍ଦେ ମନରେ ଗମିଲେ।
ପିତା ଗୃହେ ଯଥା ଭିଲ୍ଲପୁରେ ତଥା ରତ୍ନରାଣୀ ତହିଁ ରହିଲେ।

ପଞ୍ଚମ ସର୍ଗ

ରାଗ - ମଙ୍ଗଳ ଗୁଜ୍ଜରୀ

ଜୟନ୍ତୀଙ୍କ ଭିଲ୍ଲିପୁର ପ୍ରବେଶ ଓ ଶବରପୁର ବର୍ଣ୍ଣନା

ବନେଚର ବଂଶୀ ପୁଣି ପୁଲକ ବହି
ପୁତ୍ରୀ ସ୍ନେହେ ବୁଝମାଳେ ରାଣୀଙ୍କୁ କହି ॥
ପାଳନ କଲା ସେ ବାଣୀ ଗୁରୁବଚନେ
ଗୁରୁ ଗଉରବ ବେଦାଧ୍ୟାୟୀ ଯେସନେ ॥
ପର୍ଣ୍ଣ କୁଟୀରରେ ବସି ବେନି ଯୁବତୀ
ବିବିଧ ଭାଷଣେ ସେ କୁଟୀର ମଣ୍ଡାନ୍ତି ॥
ନବ ନବ ଭାଷା ପୁଣି ଭିଲ୍ଲି ପୁର ବାସୀ
ଥାଟୁକି କୁସୁମେ ଯଥା ଅଳିବୃନ୍ଦ ରସି ॥
ରାମୁଲୁ କୁଟୀର ଜନେ କଲେ ବେଷ୍ଟନ
ଜନ ନାୟକ ପଲ୍ଲୀର ମଧ୍ୟେ ଯେସନ ॥
କେ ବୋଲେ ରାମୁଲୁ ଅଜା କେଣେ ପାଇଲା
କେ ବୋଲେ ଭାଗ୍ୟରେ ଥିଲେ କଲାଟି ଧଳା ॥
କେ ବୋଲେ ଏ ମାଲେ ଆଜି ଭାଗ୍ୟ ସଲଖ
ଅପୂର୍ବ ସୁତା ରମଣୀ ପାଇଛି ଦେଖ ॥
କର୍ମେ ଥିଲେ ଲଭେ ନର ଅତୁଲ୍ୟ ମାନ
କର୍ମେ ଥିଲେ ଲଭେ ଜନ ନାରୀ ରତନ ॥
କର୍ମେ ଥିଲେ ଲଭେ ନର ସୁବିଦ୍ୟା ପୁତ୍ର
କର୍ମେ ଥିଲେ ଲଭେ ନର ଜନ୍ମେ ପବିତ୍ର ॥
କର୍ମେ ଥିଲେ ଲଭେ ନର ଅନ୍ନ ସୁବାସ
କର୍ମ ହୀନା ଲୋକ ଯେ ସର୍ବ ବିନାଶ ॥

ତୃଷାର୍ତ୍ତ ଅମୃତ ଜଳେ ଯେ ସନେ ତୃପ୍ତି ॥
ଜୟନ୍ତୀକୁ ମାଲେ ବୋଲେ ଶୁଣ ତୁ ଲୋ ମାଁ
ଭୟ ନ କରିବୁ ଚିତ୍ତେ ଏହି ତୋର ଗାଁ ॥
ପଲ୍ଲୀ ନାରୀ ସଙ୍ଗେ ତୁହିଁ ସଙ୍ଗ ହୋଇବୁ
ଝର ସ୍ରୋତ ନୀରେ ଯାଇ ସ୍ନାନ ସାରିବୁ ॥
ଆମ ପୁର ଇଷ୍ଟ ଦେବ ଗୁପତେଶ୍ୱର
ସେବା କର ପ୍ରେମେ ଯାଇ ଚରଣେ ତାର ॥
ଇଷ୍ଟ ଦେବୀ ବନଦୁର୍ଗେ ହରିବେ ଦୁଃଖ
ଅଷ୍ଟ ଐଶ୍ୱର୍ଯ୍ୟ ଲଭିଣ ପାଇବୁ ସୁଖ ॥
ଗ୍ରାମ ଝିଅ ବଧୂମେଳେ ସଙ୍ଗ ହୋଇବୁ
ଆହାର ବିହାର ଘେନି କାଳ କାଟିବୁ ॥
ନରଖିବୁ କାହା ସଙ୍ଗେ ମାନାଭିମାନ
ଦେଶ ବିଦେଶରେ ତେବେ ହେଇବୁ ଧନ୍ୟ ॥
ଫଳ ମୂଳ ଭକ୍ଷି ସୁଖେ କାଳ କାଟିବୁ
ଆମ ଦୁଇ ପ୍ରାଣୀଙ୍କର ଟେକ ରଖିବୁ ॥
ପୁଣି କହିଲା ସେ ମାଲେ ଯତନ କରି
ଶବର ପଲ୍ଲୀ ବେଭାର ବିସ୍ତାର କରି ॥
କାହାକୁ ମଉସା ମାନ୍ୟ କାହାକୁ ଶ୍ୱସା
କାହାକୁ ସଙ୍ଗିନୀ ସଖି ମିତ୍ର ପିଉସା ॥
କାହାକୁ ମାତୁଳ ମାଇଁ କାହାକୁ ଦାଦା
କାହାକୁ ନଣନ୍ଦ ନାତି କାହାକୁ କାକା ॥
ଏମନ୍ତ ପ୍ରକାର ଅଟେ ଭିଲ୍ଲୀ ବେଭାର
ଶୁଣିମନେ ରଖ ମାଁ ଲୋ ହୋଇ ଚତୁର ॥
ପବିତ୍ର ସମ ଭାବନା ସରଳ ଦୃଷ୍ଟି
ତେବେ ତୁ ଗ୍ରାମ୍ୟ ଜୀବନେ ରହିବୁ ତୁଷ୍ଟି ॥
ସୁଖ ଶାନ୍ତି ମୈତ୍ରୀ ପ୍ରୀତି ପଲ୍ଲୀ ଜୀବନ

ସରଗ ଯାବତ ସୁଖ ନୋହି ସମାନ
ଏଥୁ ଅନ୍ତେ ଦମ୍ଭ ପାଇ ଭୀତା ସୁନ୍ଦରୀ
ହର୍ମ୍ୟକ୍ଷ ପୁରୁ ଫେରିଲା କ୍ଷଣକ ପରି ॥
ଫିଟିଲା ନୟନ ତାର ତୁଟିଲା ଭୟ
ଉଶ୍ୱାସିଲା ଦୁଃଖ ରାଶି ତୁଟି ସଂଶୟ ॥
ମନ ଭୁଲା କଥା ମାନ କହି ସେ ମାଲେ
ଆରମ୍ଭିଲା ବନ କଥା ଆମୂଳ ଚୂଳେ ॥
ପୁଣି ସେ ବୋଇଲା ବେଟୀ ଶବର ପୁର
ଦେଖି ଆସ ନୟନରେ ଏକଇ ବାର ॥
ଏମନ୍ତ କହିଣ ମାଲେ ସଙ୍ଗତେ ଘେନି
ଭିଲ୍ଲୀ ପୁର ବୁଲାଇଲା ଚତୁରେ ପୁଣି ॥
ଦର୍ଶନ କଲେ ସେ ରାଜ ରତନବାଲା
ଆନନ୍ଦେ ବୁଲିଣ ଦେଖି ଅଦ୍ଭୁତ ଲୀଳା ॥
ଉତ୍ସୁକ ହୋଇ ଦର୍ଶନେ ସଂକୋଚ ଦୂର
ଅଦେଖା ଜୀବନେ ବସ୍ତୁ ଦେଖି ସେ ପୁର ॥
ଗୃହେ ଗୃହେ ଢିଙ୍କି ଶାଳ ମୂଷଳ ଧ୍ୱନି
ବକ୍ର, ପତନ, ପରାୟେ କମ୍ପେ ମେଦିନୀ ॥
କପୋତ ପାଳିକା ପ୍ରତି ଗୃହେ ଝୁଲଇ
ବୃକ୍ଷେ ବାଇବସା ପରି ଲହରୁ ଥାଇ ॥
ଭିତ୍ତିରେ ଲୋହିତ ମାଟି ଲେପନ ହୋଇ
ନିଶା ମୁଖେ ରକ୍ତାକାଶ ପ୍ରାୟ ଦିଶଇ ॥
ବିବିଧ ପ୍ରକୃତି ଚିତ୍ର ଚିତ୍ରିତ କାନ୍ଥ
କୋଣାର୍କ କଳା ସେ ସ୍ଥାନେ ଭ୍ରମଇ ପାନ୍ଥ ॥
ଦେବାଳୟ ମାନ ଦ୍ୱାରେ ଦ୍ୱାରେ ଶୋଭନ
ଦର୍ଶକ ଦର୍ଶନ ହୃଦେ ଭୟେ କଂପନ ।
ପାଣିଶାଳ ପୁରେ ପୁରେ କୁକୁଟ ହଂସ

ଚିଲିକା ହ୍ରଦ ହୃଦୟେ ଯଥା ସାରସ ॥
ତିତିରୀ ମୟୂରୀ ଲୁଆ ସଜ୍ଜା ପିଞ୍ଜରେ
ଶୁଆ ସାରୀ ଡାହୁକ ସେ ନାନା ପ୍ରକାରେ ॥
ପ୍ରତି ଗୃହେ ଆଖଡ଼ା ସେ ଶବର ସୁତେ
ଶର ସନ୍ଧାନ ଶିଖନ୍ତି ଆନନ୍ଦ ଚିତ୍ତେ ॥
ଶତ ଶତ ଧନୁର୍ବାଣ ରହିଛି ଯହିଁ
ରବି କର ଲାଗି ତହିଁ ଝଲସୁ ଥାଇ ॥
ଶବର କିଶୋର ଯହିଁ ଦିବ୍ୟା ଶିଖଇ
ସର୍ଷପ ବାଣରେ ମାରି ଦ୍ୱିଫାଳ କରି ॥
ଏମନ୍ତ ଲକ୍ଷ ନିରେଖି ହୃଦେ ଜୟନ୍ତୀ
ଧନ୍ୟରେ ଶବର ଶିଶୁ ବୋଲି କହନ୍ତି ॥
ସନ୍ଧ୍ୟା କାଳେ ଦେବାର୍ଚ୍ଚନ ଦେବ ମନ୍ଦିରେ
ଘଣ୍ଟ ଶଂଖ ନାଦ ସଙ୍ଗେ ମର୍ଦ୍ଦଳ ସୁରେ ॥
ବିଚିତ୍ର ଦିଶଇ ସେହି ଭିଲ୍ଲୀ ନଗର
ପରମ ଆହ୍ଲାଦ ଦିଏ ହୃଦ ଅନ୍ତର ॥
ମସ୍ତକରେ ବଗପର ଅତି ସୁନ୍ଦର
ଅଣ୍ଟାରେ ଗାମୁଛା ବାନ୍ଧି ମୟୂର ପର ॥
ବାହାଁରେ କଉଡ଼ି ଗୁଞ୍ଜି ପାଦେ ଘୁଙ୍ଗୁର
ମାଳ ମାଳ ସର୍ବାଙ୍ଗରେ ବିବିଧ ଫୁଲ ॥
ଖୁଷାରେ ଖୁସନ୍ତି ବାଳା ତମାଳ ମାଳ ॥
ଯୁବକ ଯୁବତୀ ମିଶି କରନ୍ତି ନୃତ୍ୟ
ହସ୍ତପାଦ ସଞ୍ଚାଳନ ଅଟେ ସୁକୃତ୍ୟ ॥
କସ୍ତୁରୀ ଅଗୁରୁ ବାସ ସର୍ବାଙ୍ଗେ ବୋଳି
ବାସଚନ୍ଦନ ଗୋପିତ ସମ ସଙ୍ଖୋଳି ॥
ବାହାଁରେ ରୂପା ବାହୁଟି ପାଦେ ନୁପୂର
କେରୀ କେରୀ ଗୁଞ୍ଜମାଳ ଅତି ସୁନ୍ଦର ॥

ଲଲାଟେ ସିନ୍ଦୂର ଟିପା ତିଳକ ବିନ୍ଦୁ
ଜ୍ୟୋତି ତାରାଗଣ କିବା ଉଦେ ପୂର୍ଣ୍ଣେନ୍ଦୁ ॥
ଗ୍ରୀବାଦେଶେ ପ୍ରବାଳର ମାଳା ଶୋଭନ
କଳାମେଘେ ଶୋଭେ ଯଥା ତଡ଼ିତ ଘନ ॥
ଅଶ୍ୱିନୀକୁମାର ସମ ବୈଦ୍ୟ ଶବରେ
ଝାମ୍ପି ଝାମ୍ପି ମହୋଷଧି ସର୍ବ ମନ୍ଦିରେ ॥
ସରଳ ତରଳ ହୃଦ ରୂପ ବିରୂପ
ରଣ ତରୀ ଗୁଣ ସଙ୍ଗେ ଦୁର୍ବାସା କୋପ ॥
ସାହସ ଅସୀମ ଧୈର୍ଯ୍ୟ ବୁଦ୍ଧି ଅମାପ
ଶବର ଜୀବନେ ସଦା ହିଂସ୍ର ପ୍ରକୋପ ॥
ଗୁରୁଶିଷ୍ୟ କେହୁ କ'ଣ ଅଜଣା ସେହି
ପରସ୍ପରେ ଧନୁର୍ଦ୍ଧର ଶୋଭନ୍ତି ମହୀ ॥
ମାଟିର କୁଟୀରେ ଖର ଛାତ ଶୋଭନ
ରଚିତ ଖଚିତ ଚାରୁ ଅତି ଯତନ ॥
ବାଉଁଶ ବାଉଁସା ପାଟି କୋଟର ଯହିଁ
ଦିବ୍ୟ ଶରମାନ ଗୁଞ୍ଜା ହୋଇଛି ତହିଁ ॥
ଭିତ୍ତି ଖୋଳ ଖୋଳ ମଧ୍ୟେ ଭେଷଜ ଗଣ୍ଡି
ଶିକାରେ ଝୁଲାଇଛନ୍ତି ମଧୁର ମାଠି ॥
ଏମନ୍ତ ଶବର ପଲ୍ଲୀ ଦେଖି ସେ ରାଣୀ
ଧନ୍ୟରେ ଶବର ବୋଲି ମନରେ ଗୁଣୀ ।
ରାତ୍ର ଗଡ଼ି ଯେବେ ତହିଁ ପ୍ରହର ବେନି
ଶୟନ ଗମନେ ଦେବୀ କରି ଭାଳେଣି ॥
ପାଟଣେଶ୍ୱରୀଙ୍କୁ ଧ୍ୟାୟୀ ଭକ୍ତ ସୁରେଶ
ଶବର ପୁରର ଶୋଭା କରି ପ୍ରକାଶ ॥

ଷଷ୍ଠ ସର୍ଗ

ରାଗ ଚତୁର୍ଦ୍ଦଶାକ୍ଷରୀ

ପ୍ରଦୋଷ ବର୍ଣ୍ଣନା ଓ ଜୟନ୍ତୀରାଣୀଙ୍କ ପରିଚୟ ପ୍ରଦାନ ।

ଅସ୍ତ ହେଲେ ଦିନମଣି ଉଦେ ହେଲେ ଶଶୀ
ଜ୍ୟୋଛନା ଦେଲେ ପ୍ରସାରୀ କ୍ଷୟତମ ରାଶି ॥
ବିକଶିତ ହେଲା ଗନ୍ଧ କାନେ କୁସୁମ
ମହକାଇ ଦେଲେ ବାସ ସୁଗନ୍ଧ ସୁଷମ ॥
ଦିବ୍ୟ ଶିଳାମାନ ଜ୍ୟୋତି ଛାଡ଼ିଲେ କାନନେ
ଦାଉ ଦାଉ ପ୍ରକାଶିଲେ ଜୋଛନା କିରଣେ ॥
ନବ ପଲ୍ଲବିତ ପତ୍ରେ ଶଶୀ କର ଲଭି
ପ୍ରକାଶ କରନ୍ତି ଜ୍ୟୋତି ପୁଞ୍ଜ ପୁଞ୍ଜ ପବି
ଧୀରେ ଧୀରେ ଭିଲ୍ଲପୁର ପୁଷ୍ପ କଳି ଚୟ
ପ୍ରକାଶି କୁସୁମ ପୁଞ୍ଜେ ହେଲେ ମୁଦମୟ ॥
ଜ୍ୟୋତି ପୁଞ୍ଜ ଫୁଟି ଗଲେ ଗଗନ ସର୍ବାଙ୍ଗେ
ପୁଷ୍ପମୟ ଗନ୍ଧଗିରି ପୁଷ୍ପ ଗଭା ସଙ୍ଗେ ॥
ଝରଣା ପ୍ଲାବନେ ସ୍ୱଚ୍ଛ ଚନ୍ଦ୍ରମା କିରଣ
ଆଲିଙ୍ଗି ସ୍ୱଚ୍ଛନ୍ଦେ କରୁଥିଲା ବିଚରଣ ॥
ସୁଲୁ ସୁଲୁ ଗନ୍ଧବହ ଶୀତଳ ଅନିଳ
ହରେ କୁସୁମ ସୁବାସ ପରସେ ଆନନ୍ଦ ॥
ବିପିନରୁ ଅବିରତ କେକା କେକୀ ସ୍ୱନ
ଭିଲ୍ଲପୁର କଂପାୟେ ସେ ନର୍ତ୍ତନ କୀର୍ତ୍ତନ ॥
ଧାଡ଼ି ଧାଡ଼ି ପଥପାର୍ଶ୍ୱେ ଉନ୍ନତ ବିଟପି
ଦୋଳୁଥାନ୍ତି ମନ୍ଦବାତେ ହୋଇଣ ମତ୍ତପି ॥

କୁଳୁ କୁଳୁ ମୁଖରିତ ନିର୍ଝର ସଲିଳ
ଶଶୀ ଜୋଛନା ପ୍ଳାବିତ ଶୀତଳ ଅନିଳ ॥
କୁଟୀର ଅଙ୍ଗଣେ ମାଳେ ଜୟନ୍ତୀ ସଙ୍ଗର
ବିବିଧ ଆଳାପ କରି ମନ ମୋହି ତାର ॥
ଦୁଃଖ ସୁଖ ଭଲ ମନ୍ଦ ବସି ବେନି ଜନ
ଭୂତ ଭବିଷ୍ୟତ କଥା ଆଳାପି ସେ ସ୍ଥାନ ॥
ଏମନ୍ତ ସମୟେ ଜବେ ଅଶୁଭ ସଙ୍କେତ
ଉପସ୍ଥିତ ହେଲା ତହୁଁ ଦେଖି ଭୟଭୀତ ॥
କୁଳିଶ ବର୍ଷଣ ପ୍ରାୟ ମୂଷିକ ମାର୍ଜାର
କୁଟୀର ଛାତ ଉପରୁ ପଡ଼ି ସମ୍ମୁଖର ॥
ଚମକି ଜୟନ୍ତୀ ରାଣୀ ଚିତ୍କାର ତ୍ରାସରେ
ଜାବୁଡ଼ି ଧଇଲେ ଜବେ ମାଳେ କଳେବରେ ॥
କିଳିକିଳା ରାବ ମୁଖେ ଘମ ଘମ ଘର୍ମ
ବପୁ ଥରଥର ହୃଦ କଂପେ ଘନ ଘନ ॥
ଛନ ଛନ ମନ ଗତି ଚେତ ଅଚେତନ
ଅଣଆଶ ବାତ ପ୍ରାୟ ନାଶା ରନ୍ଧ୍ର ସ୍ୱନ ॥
ଝର ଝର ଝରେନୀର ନେତ୍ରରୁ ଝରଇ
ଅସ୍ପଷ୍ଟ ବଚନ ମୁଖେ ସ୍ୱର ପ୍ରକାଶଇ ॥
ବସ୍ତ୍ରାଞ୍ଚଳ ନେଇ ମାଳେ ବଦନକୁ ପୋଛି
ବିବିଧ ସୁଧାବଚନେ ଶାନ୍ତ୍ୱନା ପରସି ॥
ଛାର ବିଡାଳ ମୂଷିକ ଏଥିପାଇଁ ତ୍ରାସ
ଶବର ଶର ମୁନରେ କ୍ଷଣେ ଯିବେ ନାଶ ॥
ଶବର ବୀରତ୍ୱ ଗୁଣ ସମସ୍ତ ଗାଇଲା
ଏମନ୍ତ ଅନେକ ବାକ୍ୟେ ଭୟ ଶାନ୍ତ କଲା ॥
ଜୟନ୍ତୀ ମହିଷୀ ଶୁଣି କହିଲେ ସଧୀରେ
ଅନ୍ତର ବେଦନା କଥା ପ୍ରଘଟ ସେ କରେ ॥

ଏତିକି ସମୟେ କୋହ ସମ୍ଭାଳି ନ ପାରି
କଣ୍ଠ ସ୍ୱର ନରମିଲା ପ୍ରକାଶି ନ ପାରି ॥
ପ୍ରବୋଧି ବୋଇଲା ମାଲେ ଶୁଣ ଗୋରମଣୀ
ହୃଦୟ ପିଟାଇ ବାକ୍ୟ ପ୍ରକାଶ ଏକ୍ଷଣୀ ॥
ସମସ୍ତ ବାଞ୍ଛା ପୂରଣ କରିବି ତ୍ୱରିତେ
ଅନ୍ନ ବସ୍ତ୍ର ପେୟ ତ୍ରାସ ଶତ୍ରୁ ନାଶ ଏତେ ॥
ଅଦ୍ୟ ଦିବସରୁ ମୋର ଦୁହିତା ହୋଇଲୁ
ମାଁ ରେ କିମ୍ପାଇଁ କଥା ଗୁପତେ ରଖିଲୁ ॥
ଜୟନ୍ତୀ ବୋଇଲେ ମାତ ଆତ୍ମ ପରିଚୟ
ନଦେଇ ପରାଣ ମୋର ହେଉଛି ଅଥୟ ॥
ଭରସା କରିଛି ମୋର ଅନ୍ତିମ ଜୀବନ
ତୁମ୍ଭ ସହିତରେ ଏଥି କରିବି ଯାପନ ॥
ନ କହିବି ନିଜ କଥା ଯଦି ତୁମ ପାସ
କରିବ କି ରୂପେ ତୁମେ ମୋ ପ୍ରତି ବିଶ୍ୱାସ ॥
କହିଦେଲେ ହ୍ରାସ ହେବ ମୋର ଦୁଃଖ ଭାର
ବାଟ ଥିଲେ କରିଦେବ ଦୁଃଖ ପ୍ରତିକାର ॥
ବିଚିତ୍ର ଅଟଇ ମାତ ଦଇବ ଭିଆଣ
ଚଲାପଥ କଣ୍ଟକିତ ମାୟାର ବନ୍ଧନ ॥
କୁରାଳ ଚକ୍ର ପରାୟେ କାଳ କରି ଗତି
କହି ନୋହି ଭବେମାତ ! କାହାର କି' ଗତି ॥
ମାୟିକ ପ୍ରାୟେ ପ୍ରପଞ୍ଚେ ମାୟା ଜାଲ ବିଭୂ
କେ ରଖି ପାରିବ ଭବେ ସଦା ସ୍ଥିତି ସବୁ ॥
ଭୋଗ ବିଳାସ ପ୍ରଭୃତ୍ୱ ଅଢ଼େଇ ଦିନିଆଁ
ମାନବ ଜୀବନ ଭବେ ଅଟଇ କୁଣିଆଁ ॥
ସ୍ଥବିର ବୟସ ଗ୍ରାସୀ ଆସି ଉପଗତ
ପର ପାଇଁ ରାଓ ରାଜା ହେଲେ କାରାଗତ ॥

ମଣିଷ ଜୀବନ ଅଟେ ବୁଦ୍‌ବୁଦ୍ ସମାନ
ଅନ୍ୟାୟେ ଜାତୀୟ ଧନ ଭୋଗୀ ହର୍ମ୍ୟ ମାନ ॥
ଧିକରେ ମଣିଷ ତୁମେ ଧିକ ତୋ ଜୀବନ
ହିଂସା କ୍ରୋଧ ଲୋଭ ମୋହେ ଯାପିଲୁ ଜୀବନ ॥
କେବଳ କରମ କ୍ଷମ ଷାଠିୟେ ବୟସ
କଟିଗଲେ ବାଲ୍ୟ କାଳ କୋଡ଼ିଏ ବରଷ ॥
କେବଳ ଚାଳିଶ ବର୍ଷ ମଣିଷ ଆୟୁଷ
ଭୋଗ ବିଳାସ ପ୍ରଭୁତ୍ୱେ ଥାଇ ତୋର ପାସ ॥
ଭାବି ଦେଖ ନିଜ ସ୍ଥିତି ଭବେ ତୋ ବିଭବ
ଧର୍ମ କର୍ମ ସତ୍ୟ ଜ୍ଞାନ ପ୍ରାଣ ସ୍ଥିତି ଭାବ ॥
ପରସ୍ପରେ ଟଣାଟଣି ହଣାହଣି ନିତି
ଧନର ପିପାସା ରୂପେ କରୁଛୁ କାଳାତି ॥
ପରଧନ ପରନାରୀ ଠାରେ ବୈର ଭାବ
କାଳ ରଜ୍ଜୁ ଟାଣି ନିଏ ତା ପୁରେ ତୋ ଠାବ ॥
ଏହା ଜାଣି ନ ପାରଇ ରେ ମୂଢ଼ ପାମର
ସଦା କହୁ ଅଛୁ ତୁହିଁ ଏ ସଂସାର ମୋର ॥
ଅସ୍ତ ହେଲେ ଦିନ ମଣି ମୁଦି ଯିବ ପଦ୍ମ
ମଧୁପ ଏ ଚାଲିଯିବ ନ ବୁଝେ ଅଧମ ॥
ନାମ ମୋର ଜୟନ୍ତୀ ଗୋ ଅଭାଗା ମହିଷୀ
ରାଜ ଭୋଗ ତ୍ୟଜି ମୁହିଁ ହେଲି ବନବାସୀ ॥
ବିଶାଳ ଦେଶରେ ଉଜ୍ଜୟିନୀ ନଗ୍ର ସାର
ରତ୍ନସିଂହ ନାମେ ସ୍ୱାମୀ ଥିଲେ ଅଧୀଶ୍ୱର ॥
ସୁଧା ଧୌତ ହର୍ମ୍ୟ ପୁରେ ସ୍ୱାମୀଙ୍କ କୋଳରେ
କରୁଥିଲି ବ୍ରହ୍ମସ୍ୱାଦ ରସ ପାନ ଥରେ ॥
ଏତେବେଳେ ଶ୍ରୁତି ପଥେ ଏକଇ ଶବଦ
କର୍ଣ୍ଣରେ ପଡ଼ିଲା ବଜ୍ର ସତେ କି ଅଦ୍ଭୁତ ॥

ମେଘ ଗର୍ଜନ ପରାୟେ କର୍ଣ୍ଣରେ ଶୁଣିଣ
ଧାଇଁ ଗଲେ କରାଶ୍ରୀତ ମୋ ଜୀବନ ଧନ ॥
ଅରି କରାମତି ଜାଣି ମୋ ଜୀବନ ସାଥୀ
ଅସ୍ତ୍ରଶସ୍ତ୍ର ଧରି ହାତେ ଧାଇଁଲେ ତଡ଼ତି ॥
ଦେଖିଲେ ରାଜନବର ନେତ୍ରରେ ଅନାଇଁ
ଚାରି ଆଡ଼େ ବେଢ଼ିଛନ୍ତି ଶତ୍ରୁ ସେନା ତହିଁ ॥
ଅସ୍ତ୍ରଧରି ମହାରାଜା ଦୁର୍ଗରକ୍ଷା ପାଇଁ
ଜବେ ବାହାର ହୋଇଲେ ଶୟନ ଏଡ଼ାଇ ॥
ମନ୍ତ୍ରୀଙ୍କୁ ହକାରି ରାଜା ଯୁଦ୍ଧର ନିମନ୍ତେ
ସୈନ୍ୟ ସଜ କରିବାକୁ କହିଲେ ଏକାନ୍ତେ ॥
ବୀରବର ମନ୍ତ୍ରୀ ତହୁଁ ଡାକି ସେନାପତି
ରଣେ ବାହାର ହେବାକୁ କହିଲେ ଝଟତି ॥
ଘୋର ରଣ ହେଲା ତାଙ୍କ ଯବନଙ୍କ ସାଥେ
ଆହ୍ଲାଉଦ୍ଦିନ ଖିଲିଜୀ ଧରି ଅସ୍ତ୍ର ହାତେ ॥
ରାଜାଙ୍କୁ ଦେଖିଲା ମାତ୍ରେ ଅସ୍ତ୍ର ପ୍ରହାରିଲା
ରତ୍ନସିଂହ ରାଜାଙ୍କର ଦିବଗଂତ ହେଲା ॥
ରାଜାଙ୍କ ମରଣ ବାର୍ତ୍ତା ପାଇ ଆମ୍ଭେମାନେ
ଜୀବନ ରକ୍ଷା ନିମିତ୍ତ ପଳାଇ ତତ୍‌କ୍ଷଣେ ॥
ରାଣୀ ହଂସ ପୁର ପ୍ରାଚୀ ଏରୁଣ୍ଡି ପଥରେ
ପଳାୟନ କଲୁ ସର୍ବେ ସଉତୁଣୀ ସଙ୍ଗରେ ॥
ବିବିଧ ବିପିନ ପଥ ଅତିକ୍ରାନ୍ତ କରି
ପ୍ରବେଶ ହୋଇଲୁଁ ଆସି ପୂଣ୍ୟ ଗନ୍ଧଗିରି ॥
ସୈନ୍ୟ ସାମନ୍ତ ସଙ୍ଗତେ ଭୀମ ତୋରଣରେ
ଆଶ୍ରା ନେଇଥିଲୁ ରାତ୍ର ଦ୍ୱିତୀୟ ପ୍ରହରେ ॥
ଆତ୍ମ ବିସର୍ଜନ ଅର୍ଥେ ତିନିହେଁ ମହିଷୀ
ଛାତରୁ ଅନ୍ତର ହେଲୁଁ ତମମୟ ନିଶୀ ॥

ବିଜୟା ହାରିଲେ ପ୍ରାଣ ବନଦୁର୍ଗା କତି
ବୈଜୟନ୍ତୀ, ପ୍ରାଣହାରି ଝରସ୍ରୋତ କତି ॥
ପାଞ୍ଚମାସ ଗର୍ଭଜାତ ହେବାରୁ ଉଦୟେ
ଭ୍ରୁଣହତ୍ୟା ପାପ ବୋଲି ଶଙ୍କା ମୋ ହୃଦୟେ ॥
ଏଣୁ ମୋ ଜୀବନ ରଖି ନ କଲି ମରଣ
ସାରା ଜୀବନର ଦୁଃଖ କରିଲିଁ ବରଣ ॥
ଏମନ୍ତ ଶୁଣିଣ ମାଲେ ଆଚମ୍ବିତ ହେଲା
ଧନ୍ୟରେ ଜୟନ୍ତୀ ବୋଲି ପ୍ରଶଂସା ଗାଇଲା ॥
ମନୁଷ୍ୟ ଜୀବନ ଭାବେ ଦୁର୍ଲ୍ଲଭ ଜୀବନ
ଥରେ ଗଲେ ଫେରେନାହିଁ ଏ ମର୍ତ୍ତ୍ୟ ଭୁବନ ॥
କୋଟି କୋଟି ଜନ୍ମ ଅନ୍ତେ ବହୁପୁଣ୍ୟ ଫଳେ
ତେବେ ସେ ଜାତ ହୁଅଇ ଅବନି ମଣ୍ଡଳେ ॥
ପ୍ରାଣ ଥିଲେ ସବୁ ମିଳେ ଅଭାବେ ସ୍ୱଭାବ
ଜଡ଼ନର କାହିଁ ଅବା ଏକଥା ଜାଣିବ ॥
ସୁଖ ପରେ ଦୁଖ ଭବେ ଦୁଃଖେ ପରେ ସୁଖ
ଚକ୍ର ପରି ଘୁରୁଥାଏ ଦୁଃଖସୁଖ ଭୋଗ ॥
ଆସିଛି ତୋ ଦୁଃଖ କାଳ ଅନ୍ତେ ସୁଖ କାଳ
ନିଶ୍ଚୟ ମେଣ୍ଟିବ ଦିନେ ହୃଦ ତାପାନଳ ॥
ଗର୍ଭରେ ନନ୍ଦନ ତୋର ହେବ ଭାରାକ୍ରାନ୍ତ
ବିଗତ ଦୁର୍ଦ୍ଦଶା ମା' ଗୋ ନ ଧର ତୁ ଚିତ୍ତ ॥
ଏମନ୍ତ ପ୍ରକାରେ ମାଲେ ପ୍ରବୋଧନା ଦେଇ
ଜୟନ୍ତୀ ରାଣୀଙ୍କୁ ତହିଁ ରଖିଲା ବୁଝେଇ ॥
ସମଲେଶ୍ୱରୀଙ୍କୁ ଧ୍ୟାୟୀ ସୁଶେ ଚୌହାନ
ଶବର ପଲ୍ଲୀରେ କଲା ରାଣୀ ସଂସ୍ଥାପନ ॥

ସପ୍ତମ ସର୍ଗ

ରାଗ ବଙ୍ଗଳାଶ୍ରୀ

ସୈନ୍ୟ ସାମନ୍ତଙ୍କ ସହ ଖଡ଼ିଆଳ ଗମନ

ଏଥୁ ଅନନ୍ତରେ ନିଶୀର ଅନ୍ତରେ
ଜାଗିଲେ ସାମନ୍ତ ଗଣ
ଦେଖିଲେ ତୋରଣ ମହିଷୀ ବିହୀନ
ହୋଇଲେ ବିବେକ ଶୂନ୍ୟ ॥ (୧)
ପରସ୍ପରେ ମୁଖ କରିଲେ ନିରେଖ
ହୋଇଲେ ବିଷାଦ ଗ୍ରସ୍ତ
ଉଡ଼ିଗଲା ହଂସା ବୁଡ଼ିଲା ସାହସା
ହୋଇଲେ ଧଇର୍ଯ୍ୟ ଚ୍ୟୁତ ॥ (୨)
ନୟନ ଯୁଗଳ ହେଲା ଛଳ ଛଳ
ନ ଦେଖି ରାଣୀ ନିକଟ
ଅଶ୍ୱ ଗଜ ଆଦି ସୈନ୍ୟ ଅସ୍ତ୍ର ରାଜି
ଅଛନ୍ତି କି ? ଉପସ୍ଥିତ ॥ (୩)
ନିରେଖି ସମସ୍ତ କଲେ କରାୟତ୍ତ
ଅତୁର ରହି ସମସ୍ତ
ଦେଖରେ ଦେଖରେ ଖୋଜରେ ଖୋଜରେ
ଶବଦ କମ୍ପେ ବନସ୍ତ ॥ (୪)
ପ୍ରତିଧ୍ୱନି ଫେରି କର୍ଣ୍ଣର ଗହ୍ୱରୀ
ଦ୍ୱିଗୁଣିତ ପରବତ
କୋଳାହଳ ଛାଡ଼ି ବିଗୁଲ ସଜାଡ଼ି
ଖୋଜିଲେ ଗିରି ବନସ୍ତ ॥ (୫)
ଶୃଙ୍ଗ ନବଗିରି ବୃକ୍ଷର ଉପରି

କନ୍ଦର ଗିରି ଗହ୍ୱର
ଗୁଳ୍ମ ଲତା କନ୍ଦି ହୋଇ ଛନ୍ଦାଛନ୍ଦି
ଖୋଜିଲେ ସାରା ବନର ॥ (୬)
ଦେଖିଲେ ସୁଦୂରେ ଝରଣା ମନ୍ଦିରେ
ପଡ଼ିଛି ରାଣୀଙ୍କ ଶବ
ଉଡ଼ିଗଲା ହଂସା ବୁଡ଼ିଲା ସାହସା
କରିଲେ କରୁଣା ରବ ॥ (୭)
ରାଜରାଣୀଙ୍କର ସୁଗୁଣ ବେଭାର
ସ୍ମରି ସ୍ମରି ଚିତ୍ତେ ଚିତ୍ତେ
ବିଧାତା ସୁମରି କର୍ମକୁ ଆଦରି
ଚାଲିଲେ ଘୋର ବନସ୍ତେ ॥ (୮)
ଚାରି ଦିନ ଅନ୍ତେ ଖଡ଼ିଆଳ ଯାନ୍ତେ
ପ୍ରବେଶ ହୋଇଲେ ଯାଇ
ବିବିଧ କାନନେ ଖଣିଜ ରତନେ
ମାଗରା ରାଜ୍ୟ ଶୋଭଇ ॥ (୯)
ଗୁଡ଼ା ପରବତେ ଅଟକି ସମସ୍ତେ
ବିଚାର କରିଲେ ଚିତ୍ତେ
କେଉଁ ଦେଶେ ଯିବା କେଉଁଠି ରହିବା
ଆମ୍ଭଙ୍କୁ କେ ବା' ପରତେ ॥ (୧୦)
ପ୍ରଧାନ ସଚିବ ବିଚାରି ଅତୀବ
କହନ୍ତି ଦୂତ ଅଗ୍ରତ
ଯାଅ ଖଡ଼ିଆଳ ରାଜାଙ୍କ ଉଆଳ
କରାଅ ଆମର ହିତ ॥ (୧୧)
ନକର ଭାଜନ ହେଲା ସେ ମରଣ
ଭାଷିବ ସମସ୍ତ କଥା
ରଖ ହେ ରାଜନ ଆମର ଶରଣ
ଦୂର କର ସୈନ୍ୟ ବ୍ୟଥା ॥ (୧୨)

ସମସ୍ତ ଭାଷିବ ତ୍ୱରିତ ଆସିବ
ନ ହେଲେ ଅନ୍ୟ ବ୍ୟବସ୍ଥା
ଏମନ୍ତ ବଚନ ଶୁଣି ଦୂତ ରାଣ
ଗମିଲା ନବର ପନ୍ଥା ॥ (୧୩)
ପବନ ବେଗରେ ମିଳିଲା ନବରେ
ଦେଖିଲା ରାଜ ପ୍ରାସାଦ
ନଭଶ୍ଚୁମ୍ବୀ ସୌଧ ସୁଧା କାନ୍ତି ଧୌତ
କୋଟି ଧ୍ୱଜା ପ୍ରକମ୍ପିତ ॥ (୧୪)
ପରିଖା ବେଷ୍ଟିତ ପ୍ରାଚେରୀ ଶୋଭିତ
ଚୌମାର୍ଗେ ସିଂହ ରାଜିତ
ଚତୁର୍ଦ୍ଦିଗୋଦ୍ୟାନ କୁସୁମ କାନନ
ମଧ୍ୟରେ ରାଜପ୍ରାସାଦ ॥ (୧୫)
ଚାରି ଦିଗେ ମାଳ ମାଳ ଦ୍ୱାର ପାଳ
ପଥବେଢ଼ି ରହିଛନ୍ତି
ରାଜଦରବାର ପ୍ରବେଶ ଅନ୍ତର
ପିପିଲି ଭୟ କରନ୍ତି ॥ (୧୬)
ସଧୀରେ ସଧୀରେ ସଭୟ ଅନ୍ତରେ
ଦ୍ୱାରୀ ପୁରେ ପ୍ରବେଶିଲା
ଚିଟାଉ ଫିଟାଉ କରି ଟାଉ ଟାଉ
ଦୂତ ହସ୍ତେ ସମର୍ପିଲା ॥ (୧୭)
ସମସ୍ତ ପ୍ରବୋଧୀ ଦ୍ୱାରୀ ଗୁଣନିଧି
ରାଜାଙ୍କ ନିକଟ ଯାଇ
ଆଜ୍ଞା ପରମାଣେ ଲେଉଟି ତତକ୍ଷଣେ
ଦୂତଙ୍କୁ ସ୍ୱାଗତି ନେଇ ॥ (୧୮)
ପ୍ରବେଶ କରିଣ ପ୍ରାସାଦ ଭୁବନ
ନେତ୍ର ବୁଲାଇଲା ଥରେ
ବିଚିତ୍ର ଚିତ୍ରିତ କାନ୍ଥେ ବିଲୋକିତ

ସଂକିତ ହେଲା ଅନ୍ତରେ ॥ (୧୯)

ପିଞ୍ଜରେ ପିଞ୍ଜରେ ଶୁକଶାରୀ ଗୀରେ
ସାମବେଦ ଗାଉଛନ୍ତି
ଚତୁର୍ପାର୍ଶ୍ୱେ ବ୍ରହ୍ମ- ବେତ୍ତା ବେଢ଼ିଛନ୍ତି
ମଧ୍ୟରେ ମନ୍ତ୍ରୀ ନୃପତି ॥ (୨୦)

ରତ୍ନ ସିଂହାସନେ ଚାମର ଚାଳନେ
କନକ ତୋରଣ ତଳେ
ଧର୍ମ ନୀତି ଚର୍ଚ୍ଚା ଧର୍ମ ସୁତ ପରି
ଭାଷନ୍ତି ସୁଧି ମଣ୍ଡଳେ ॥ (୨୧)

ଦେଖି ଦ୍ୱାରୀବର ପ୍ରଣମି ରାଜାର
ଦଣ୍ଡାୟ ନମ୍ର ବିନୟେ
ପଚାରନ୍ତେ ରାଜା ଆଗମନ ବାର୍ତ୍ତା
କହେ ସହ ପରିଚୟେ ॥ (୨୨)

ଅଘଟ ଘଟଣ ପ୍ରକାଶ କରିଣ
ସମସ୍ତ ଗୁପ୍ତ ରହସ୍ୟ
ରାଜାଙ୍କ ସମ୍ମତି ପାଇଣ ତଡ଼ତି
ବାହୁଡ଼ିଲା ସୈନ୍ୟ ପାସ ॥ (୨୩)

ଅତି ଆନନ୍ଦରେ ଉତ୍‌ଫୁଲ୍ଲ ବେଗରେ
ସୈନ୍ୟ ଛାଉଣୀ ପ୍ରବେଶୀ
ମାଗରା ସଂବାଦ ସମସ୍ତ ପ୍ରମାଦ
ଉଶ୍ୱାସିଲା ଦୁଃଖ ରାଶି ॥ (୨୪)

ସର୍ବ ସୈନ୍ୟଗଣ ମାଗରା ରାଜ୍ୟେଣ
ଅତି ଆନନ୍ଦେ ରହିଲେ
ଚୌହାଣ ବଂଶର ପୂର୍ବ ସ୍ମୃତି ସାର
ହୃଦରୁ ଅନ୍ତର କଲେ ॥ (୨୫)

ଶୈଶବ ଅନ୍ତରେ କିଶୋର ସଂହୃଦରୁ
କିଶୋର ଅନ୍ତେ ଯୌବନ

ଯୌବନ ଅନ୍ତରେ ବାର୍ଦ୍ଧକ୍ୟ ସଂଚରେ
ସ୍ଥବିରେ ସର୍ବ ସଂପୂର୍ଣ୍ଣ ॥ (୨୬)
ସଞ୍ଚାରିଣୀ ଦୀପ ନବ ନବ ରୂପ
ଆଗକୁ ଆଗକୁ ଦିଶେ
ଅନ୍ତରେ ଅନ୍ତରେ ପ୍ରକାଶି ପ୍ରକାଶି
ବିଗତ ସ୍ମୃତିକୁ ନାଶେ ॥ (୨୭)
ଅସ୍ଫୁଟ କୁସୁମ କଳିକା ରୂପେଣ
ପ୍ରକାଶେ କଅଁଳ ଅଗ୍ରେ
କ୍ରମେ କ୍ରମେ ଦିନେ ଉଲ୍ଲସିତ ମନେ
ବିଚରେ ବାସନା ନଗ୍ରେ ॥ (୨୮)
କିଛି ଦିନ ଅନ୍ତେ ଝାଉଁଳି ଯାଆନ୍ତେ
ଭ୍ରମର ଚୁମଇ ନାହିଁ
ସେହି ପରି ଦିନେ ଜଗତ ଜୀବନେ
ସବୁ କଥା ରହେ ନାହିଁ ॥ (୨୯)
ସମୟର ଥୋକେ ବଳବାନ ଲୋକେ
ପ୍ରାଣୀ ବହେ ସଦାଭାବ
ଗ୍ରୀଷ୍ମ ବର୍ଷା ଶୀତ ଜଗତର ହିତ
କ୍ରମେ ପ୍ରକଟେ ପ୍ରଭାବ ॥ (୩୦)
ଉଚ୍ଚ ନୀଚ ଦିନେ ନୀଚ ଉଚ୍ଚ ଦିନେ
ଗରିବ ଅମୀର କେତେ
କାଳର କରାଳ ଚକ୍ର ଅରମାଳ
ଗତି କରୁଥାଏ କେତେ ॥ (୩୧)
ସମୟ ଆସିବ ଦୁଃଖ ପ୍ରଶମିବ
ବିକଶିବ ସୁଖ ପୁଷ୍ପ
ସୁଖ ପୁଷ୍ପ ମଧୁ ଚାଖିବାରେ ସାଧୁ
ଧାଇଁବେ ସର୍ବ ମଧୁପ ॥ (୩୨)

ଅଷ୍ଟମ ସର୍ଗ

ରାଗ ମାଳବ ଗଉଡ଼ା

ରମାଇ ଦେବଙ୍କ ଜନ୍ମ ଓ ବାଲ୍ୟ ଲୀଳା

ବୁଦ୍ଧି ଉତ୍ତମ ଯାହାର କାବ୍ୟ ଅଭିଧାନେ
ଚୌହାଣ ବଂଶ ଚରିତ ଶୁଣ ସାବଧାନେ ହେ ॥
କ୍ରମେ କ୍ରମେ ପଞ୍ଚମାସ ଗର୍ଭ ସଞ୍ଚରିଲା
ଜୟନ୍ତୀ ଗର୍ଭ ଚିନ୍ତାରେ ନିମଗ୍ନ ରହିଲା ଯେ ॥
ଆଳସ୍ୟ ଦେହେ ପ୍ରବେଶ ସାନ୍ଦ୍ରତା ଲାବଣ୍ୟ
ବଟ ପତ୍ରାକାର ପେଟ ମୁଷଳ ସମାନ ଯେ ॥
ଚୁଚୁକ ଅତି ଶ୍ୟାମଳ କରନ ବର୍ଦ୍ଧନ
ରାହୁ ଗ୍ରାସ ଚନ୍ଦ୍ର ପ୍ରାୟ କାଳିମା ଧାରଣ ଯେ ॥
ଉଦରେ ଶିଶୁ ଖେଳଇ ହାନ୍ଦୋଳି ହାନ୍ଦୋଳି
ବାଳିଆ ମତ୍ସ୍ୟ ପରାୟେ ଗର୍ଭବ୍ୟାପୀ ସ୍ଥଳୀ ଯେ ॥
ଚନ୍ଦ୍ର ପକ୍ଷ ପରି ଗର୍ଭ କ୍ରମେ ବିକଶଇ
ବପୁ ମୁଖ ବର୍ଣ୍ଣ ତାର ଉଜ୍ଜ୍ୱଳ ଦିଶଇ ଯେ ॥
ସୁସ୍ୱାଦୁ ଭୋଜନ ବସ୍ତ୍ର ନରୁଚଇ ତାକୁ
ବପୁ ଅଳଂକାର ଯେତେ ଫିଙ୍ଗଇ ପଦାକୁ ଯେ ॥
ଏକାନ୍ତେ ଡକାଇ ମାଳେ ପ୍ରବୋଧି ବୋଇଲା
ଯାହା ରୁଚି ତାହା କିଛି ଭକ୍ଷ ତୁ ବୋଇଲା ଯେ ॥
ଆହାର ନିଦ୍ରା ଭୋଜନ ଅବହେଳା କଲେ
ଉଦର ନନ୍ଦନ କ୍ଷୀଣ ବଳ ବପୁ ବୋଲେ ଯେ ॥
ନିରୋଗ ଆୟୁଷ ଅର୍ଥେ ବିବିଧ ଭେଷଜ
ବନରୁ ସଂଗ୍ରହ କରି କରାଇଲା ଭୋଜ୍ୟ ଯେ ॥
ବନ ଫଳ ମୂଳ ପକ୍ୱ କଦଳୀ ଭୁଞ୍ଜାଇ
ନିର୍ମଳ ସୁସମ ଖାଦ୍ୟ ଜଳ ପାନ ଦେଇ ଯେ ॥

ସୁଶାନ୍ତ ସୁଶୀଳ ରୂପ ଶିଶୁ ହେବ ବୋଲି
ଖିରୀ ଖେଚରୀ କାକରା ମିଶା ନାନା କୋଲି ଯେ ॥
ଘନ କେଶ ରଞ୍ଜା ଚର୍ମ ଶ୍ୟାମ କାନ୍ତି ପାଇଁ
ବିବିଧ ଶାକ ଭୋଜନ କରାଇଲା ଯାଇ ଯେ ॥
ବିବିଧ ସ୍ୱାଦୁ ପଦାର୍ଥ କରାଇ ଅଶନ
ବସାଇ ଉତ୍ତମାସନେ ଅମୃତ ଭାଷଣ ଯେ ॥
ସୁକୋମଳ ଶିଶୁ ସଜ୍ୟା କନ୍ଥା ସିଲାଇଲା
ବିବିଧ ଖେଳଣା ଦ୍ରବ୍ୟେ କୁଟୀର ମଣ୍ଡିଲା ଯେ ॥
ଦଶମାସ ଦଶଦିନ ଯହୁଁ ପ୍ରବେଶିଲା
ଦିବ୍ୟ ଶିଶୁ ସନ୍ତାନଟି ଜନମ ଲଭିଲା ଯେ ॥
କୁଆଁ କୁଆଁ ମଧୁରାବ ପଲ୍ଲୀ ମୁଖରିତ
ମାଲେ ରାମୁଲୁ ଆନନ୍ଦ ଆହ୍ଲାଦ ଅନନ୍ତ ଯେ ॥
ଭିଲ୍ଲୀ ପୁର ନାରୀଗଣ ସନ୍ତାନ ଦର୍ଶନେ
ଜବେ ପ୍ରବେଶ ହୋଇଲେ ରାମୁଲୁ ସଦନେ ଯେ ॥
ବାଳଇନ୍ଦୁ ନିନ୍ଦେ ରୂପ ପିଙ୍ଗଳ ପିଚ୍ଛଳ
ମୂର୍ତ୍ତିମନ୍ତ ରୂପେ କିବା ବାଡ଼ବା ଅନଳ ଯେ ॥
ବୃନ୍ଦ ବୃନ୍ଦ ହୋଇ ତହିଁ ଶବରୀ ଲଳନା
ଶବର ପତି ସଦନେ ଲମ୍ବାଧାଡ଼ି ସିନା ଯେ ॥
ପୁର ସିମନ୍ତିନୀ ଗଣ ମିଳି ଜନ୍ମସ୍ଥାନ
ଶବର ପତି ଦେଖାଇ ସୁସୁନୁ ସନ୍ତାନ ଯେ ॥
ପିତାମହ ନାଭ ସ୍ୱାର୍ଥ ପଦକୁ କରଇ
ବିଳମ୍ବିତ ନାଭି ନାଡ଼ ମଣ୍ଡଳେ ସେ ଥୋଇ ଯେ ॥
ବିଚ୍ଛେଦନ କଲେ ନାଭିଆନନ୍ଦ ସହୃଦେ
ବିଗ୍ରହ ସୁବାସ ତହୁଁ କସ୍ତୁରୀ ସୁଗନ୍ଧେଁ ଯେ ॥
ବିବିଧ ସୁବାସ ଦ୍ରବ୍ୟ ପ୍ରଲେପନ ଦେଇ
ନିର୍ମଳ ଜଳରେ ସ୍ନାନ କରାଇଲେ ତହିଁ ଯେ ॥
ଅନଳ ଉଷୁମ ହସ୍ତେ ଶେକ ଦେଲେ ସେହି

ଅଳପ ଅଳପ ତେଲେ ମର୍ଦ୍ଦନ କରାଇ ଯେ ॥
ମଧୁମିଶା ଜଳପାନ କରାଇ ପ୍ରଥମେ
ତଦନ୍ତେ ଗୋଦୁଗ୍ଧ ମୁଖେ କରାଇ ଅଶନ ଯେ ॥
ଏକ ବିଂଶ ଦିନଯାଏ ଦୋଳିରେ ଶୟନ
ଜ୍ୟୋତିଷ ପଣ୍ଡିତ ଡାକି ସୁନାମ କରଣ ଯେ ॥
ସତ୍ୟ ନାରାୟଣ ସେବି ଶିଶୁର ମଙ୍ଗଳେ
ଅନ୍ନ ବସ୍ତ୍ର ଦାନ କଲେ ଭିକ୍ଷୁକଙ୍କ ଥାଳେ ଯେ ॥
ଉନ୍ନତ୍ତ ଗ୍ରହ ପଞ୍ଚକ ନବମୀ ତିଥିରେ
ପୁନର୍ବସୁ ମେଷପୁଷ୍ୟା ରବି ସଙ୍ଗତରେ ଯେ ॥
ବୃହସ୍ପତି ଚନ୍ଦ୍ରମା ଯେ ସମାନ ସ୍ଥାନରେ
ଜନମିଲେ ରାଜପୁତ୍ର ଜ୍ୟୋତିଷ ମତରେ ଯେ ॥
ରାମୁଲୁ ଶବର ନାମ ଯୋଗ କରାଇଲେ
ରମାଇ ଭବତୁ ବୋଲି ସମସ୍ତେ କହିଲେ ଯେ ॥
ସୁଦୀର୍ଘ ଲଲାଟ ପଟ୍ଟ ବିଶାଳ ମସ୍ତକ
ଉନ୍ନତ୍ତ ନାସିକା ଅଗ୍ର ଦୀର୍ଘ କର୍ଣ୍ଣ ବେକ ଯେ ॥
ସୁବାହୁ ପାଦ ପଙ୍କଜ ଜବ ମାଳା ହସ୍ତ
କପାଟ ଫଳକ ବକ୍ଷ ରାଜ ଚିହ୍ନ ନ୍ୟସ୍ତ ଯେ ॥
ଖଣ୍ଡୀ, ଗଦା, ଚକ୍ର, ଧନୁ, ହସ୍ତ, ପଦ୍ମ ଚିହ୍ନ
ହସ୍ତେ ଚାମର ତ୍ରିଶୂଳ ସମ୍ରାଟ ଲକ୍ଷଣ ଯେ ॥
ଉନ୍ନତ୍ତ ରେଖା ଲମ୍ବିଛି ବୃହସ୍ପତି ନଗ୍ର
ରବିରେଖା ସମାପନ କନିଷ୍ଠା ଅନ୍ତର ଯେ ॥
ବଢ଼େ ଶିଶୁ ଦିନୁଦିନ ବାଳ ରବି ପ୍ରାୟ
ଚନ୍ଦ୍ର ପକ୍ଷ ସୁଧାକର ବର୍ଦ୍ଧନ ବିସ୍ମୟ ଯେ ॥
ଆଡ଼ବାଡ଼ ଧରି ଶୋଭା କେ ଅବା କହିବ
କଳ୍ପନା କରିଲେ କବି ଜଡ଼ ବା ନୋହିଁ ବ ଯେ ॥
ଭ୍ରମଣ କରିଲା ଶିଶୁ କ୍ରମେ କ୍ରମେ ପୁରେ
ଭିଲ୍ଲୀ ପୁର ଶିଶୁ ସଙ୍ଗେ ସତ୍ୱରେ ସତ୍ୱରେ ଯେ ॥

ରଜ ଖେଳ ଲୁଚକାଳି ନାନା କଉତୁକେ
ଦର୍ଶକ ନେତ୍ର ମୁଦ୍ରିତ ଆନନ୍ଦ ଉତ୍ସୁକେ ଯେ ॥
ଚୂଡ଼ାକରଣ କରାଇ ନୃସିଂହ ନାଥରେ
ଦ୍ୱିତୀୟ ସଂସ୍କାର ଦାନ ସମୁକ୍ତ ହସ୍ତରେ ଯେ ॥
ପଞ୍ଚ ବର୍ଷରେ ବିଦ୍ୟା ଆରମ୍ଭ କରାଇ
ବର୍ଣ୍ଣ ଶିଖାଇଲେ ତାକୁ ଗେହ୍ଲାଇ ଗେହ୍ଲାଇ ଯେ ॥
ଅମାନ୍ୟ ଅବିଦ୍ୟା ଅହଂ ଅଶାନ୍ତି ଅଳସ
'ଅ' ଅକ୍ଷର ଶିଖାଇଲେ ଅମୃତ ହରସ ଯେ ॥
ଆହାର ଆରମ୍ଭ ଆଶା 'ଆ' ଅକ୍ଷର ଗୋଟି
ଆକାଶ ଆଶ ବତାସ ଅଣଆଁଶ ଘୋଟି ଯେ ॥
'ଇ' ଅକ୍ଷର ଇନ୍ଦ୍ର ପଦ ଇତି ଶେଷ ଆଦି
କ୍ରମେ କ୍ରମେ ଶିଖାଇଲେ ସେ ରାମୁଲୁ ନାତି ଯେ ॥
ଈଶ୍ୱର ପ୍ରଭୁତ୍ୱ ଶ୍ରେଷ୍ଠ 'ଈ' ଅକ୍ଷର ନାମ
ଉନ୍ମତ୍ତ ମାୟା ବନ୍ଧନ ଉଚ୍ଚେ କରେ କାମ ଯେ ॥
'ଊ' ଦୀର୍ଘ ଅକ୍ଷର ଗୋଟି ଭିନ୍ନକୁ ବଖାଣ
'ଏ' ଅକ୍ଷର ଧୈର୍ଯ୍ୟ ଧୀର ଅର୍ଥର ଭିଆଣ ଯେ ॥
'ଲୁ' ଲୁଚିବା ଲାଲଷାଦି ଲକ୍ଷକୁ ବୁଝାଇ
ଦୀର୍ଘ ବର୍ଣ୍ଣେ ଅକ୍ଷରଟି ପ୍ରୟୋଜନ ନାହିଁ ଯେ ॥
ଷଡ଼ ଐଶ୍ୱର୍ଯ୍ୟ ସିଦ୍ଧଇ 'ଐ' ଅକ୍ଷର ପୁଣ
'ଓ' ବର୍ଗ ବିଭବ ଧବ ଓଁକାର ଲକ୍ଷଣ ଯେ ॥
ରୋଷ କଷାୟିତ ନେତ୍ର ରୁଦ୍ର ପୂଜାଗଣ
'ର' ଅକ୍ଷର ରାଗ ନାମ ଅଟଇ ଭିଆଣ ଯେ ॥
ଭେଷଜ ବ୍ୟାଧି ହରଣ 'ଔ' ଅକ୍ଷର ପଂକ୍ତି
ଆହୁରି ଆହୁରି ଅର୍ଥେ ପଣ୍ଡିତେ କହନ୍ତି ଯେ ॥
'କ' ଅକ୍ଷର କ୍ରୋଧ କାମ କପଟ ରଚନା
କଣ୍ଠ ଦେଶେ ଜନ୍ମି ସେହି ଶିର ଅର୍ଥ ସିନା ଯେ ॥
'ଖ' ଅକ୍ଷର ଖଗ ଖଳ ଆକାଶ ଖେଚର

ଗର୍ବ ଅଭିମାନ ଛଳ ଗଗନ 'ଗ' ଅକ୍ଷର ଯେ ॥
'ଘ' ଅକ୍ଷର ଘର୍ମ ଘଟ ବିନିଦ୍ରା ତୋଳିବା
ଘଟେ ଥାଇ ମୁର୍ଖ ଜନ କାହିଁ ସେ ଜାଣିବା ଯେ ॥
ଉଦ୍ୟୋଗ ଉନ୍ନତ୍ତ କାମ 'ଙ' ଅକ୍ଷର ନାମ
ଅଳସ ଉସତ ଅର୍ଥ ଉଛ ଫଣା ଜାଣ ଯେ ॥
ଚଞ୍ଚଳ ଚଳିବା ଚୋରି 'ଚ' ଅକ୍ଷର ହର
ଚତୁର ବିଚାର ଚିତ୍ତ ଭ୍ରମର ଚକର ଯେ ॥
'ଛ' ଅକ୍ଷର ଛନ୍ଦ ଛିଦ୍ର ଛାଡ଼ ଭଲ ମନ୍ଦ
ଛଳ ମନ୍ଦ ଛତ୍ର ଛତୁ ଛଳର ଛଳନା ଯେ ॥
'ଜ' ଅକ୍ଷର ଜନ୍ମ ଜୀବ ଜୀବନ ଉପାୟ
'ଝ' ଝଗଡ଼ା ଝଂଝଟ ଝରିବା ଝମୟ ପ୍ରକଟ ଯେ ॥
'ଞ' ଅକ୍ଷର ଗୋଟି ଅର୍ଥ କୁବୁଦ୍ଧି ପ୍ରକାଶ
ଟାହି ଟାପରା ଟମକ ଟାଣ ପଣ ନାଶ ଯେ ॥
ଠାପୁଆ ଠାରୁ ଠସର ଠେସିବା ଠକିବା
'ଠ' ଅକ୍ଷ ଠଣ କରେ ନ ଜାରେ କେ ଅବା ଯେ ॥
ଡିବି ଡିବି ଡିବିଶବ୍ଦ ଡମ୍ବରୁ ପ୍ରକଟେ
ଡିଣ୍ଡିମ ଡିଙ୍ଗୁରା ଅର୍ଥେ 'ଡ' ଅକ୍ଷର ଅଟେ ଯେ ॥
ଢଳ ଢଳ ଢମ ପଣ ଢ ଅକ୍ଷର ନିତି
ଢିଙ୍କି ଢିପ ଢଗ ଅର୍ଥ ପ୍ରକଟ ତଡ଼ତି ଯେ ॥
'ଣ' ଅକ୍ଷର ତୃଷା ଅଟଇ କ୍ଷୁଧା 'ଢ' ଅକ୍ଷର
'ଦ' ବର୍ଣ୍ଣ ଦୟା ଅଟଇ ଧନ 'ଧ' ଅକ୍ଷର ଯେ ॥
ନ ନାହିଁ ନିନ୍ଦା ଲୋଭନ 'ପ' ବର୍ଗ ପବିତ୍ର
ଅହଂକାର ପରଦାର ପର ସମାଚାର ଯେ ॥
'ଫ' ବର୍ଣ୍ଣ ଫୁଲ ଫୁଲାଣ ବବର୍ଣ୍ଣ ଶୃଙ୍ଗାର
ବରଷେ ବରଷା ବାରି ରସ ଇଚ୍ଛା ସାର ଯେ ॥
'ଭ' ଅକ୍ଷର ଭବ ଭ୍ରମଣ ଭବଦ୍ୱାର ଦେହି
ଭରଣ ପୋଷଣ ଭାର କୁଟୁମ୍ବ ସୋଦରୀ ଯେ ॥

'ମ' ମର୍ତ୍ତ୍ୟ ମଦନ ମାର ଜୀବ ମଧୁମୟ
'ଯ' ଅକ୍ଷର ନିରୋଳା ଜାଳ ରସ ଶ୍ରାବମୟ ଯେ ॥
ଲିଙ୍ଗ, ଧାତୁ କ୍ଷରଣରେ ରଳ ବର୍ଣ୍ଣ ଦ୍ୱୟ
'ଓ' 'ଶ' 'ଷ' 'ମ' ଅସ୍ଥି ନାଡ଼ି ପ୍ରଭଞ୍ଜନ ମୟ ଯେ ॥
'ହ' ଅକ୍ଷର ବ୍ରହ୍ମଜ୍ଞାନ ବର୍ଣ୍ଣର ଭିଆଣ
'କ୍ଷ' ଅକ୍ଷର କ୍ଷୟ କ୍ଷତି ଗତି ଯମ ନାମ ଜାଣ ଯେ ॥
ଅନୁସ୍ୱାର ବିସର୍ଗ ଯେ ଅଯୁକ୍ତ ବରଣ
ଅଣଅଶ ବର୍ଣ୍ଣ ଭେଦ କରିଲି ବଖାଣ ଯେ ॥
ସ୍ୱର ବ୍ୟଞ୍ଜନ ବିସର୍ଗ ମାତରା ଭେଦରେ
ପରସ୍ପରେ ଯୋଗ ହୋଇ ବ୍ରାହ୍ମଣ୍ଡ ବିଚରେ ଯେ ॥
ଗୁହ୍ୟ ଲିଙ୍ଗ ନାଭି ହୃଦ କଣ୍ଠ ଶିର ଚକ୍ର
ଅଣଅଶ ବାତ ସ୍ପନ୍ଦେ ଏମନ୍ତ ପ୍ରକାର ଯେ ॥
ଏମନ୍ତ ସହସ୍ର ଶାସ୍ତ୍ରେ ସାରସ୍ୱତ କ୍ଷେତ୍ରେ
ବିବିଧ ଜ୍ଞାନ ଭଣ୍ଡାର ବ୍ରହ୍ମାଣ ବିଚରେ ଯେ ॥
ସମସ୍ତ ପ୍ରକାର ବିଦ୍ୟା ରାମୁଲୁ ଶିଖାଇ
ବିବିଧ ଜ୍ଞାନ ସାଗରେ ରମାଇଁ ରସାଇ ଯେ ॥
ଅସ୍ତ୍ରବିଦ୍ୟା ଧନୁର୍ବିଦ୍ୟା କୋଳବିଦ୍ୟା ଦେଇ
ଭର୍ତ୍ତୃ ଚାଣକ୍ୟ ଭୃଗୁର ନୀତିରେ ରସାଇ ଯେ ॥
ସାହିତ୍ୟ ତର୍କ ବିଜ୍ଞାନ ଧନ୍ୱନ୍ତରୀ ଶିକ୍ଷା
ଚାରିବେଦ ପୁରାଣରେ କରାଇଲା ଦୀକ୍ଷା ଯେ ॥
ରାଜନୀତି ତନ୍ତ୍ରନୀତି ଶାସ୍ତ୍ର ଶିଖାଇଲା
ଆଧ୍ୟାତ୍ମିକ ଛନ୍ଦ ଶାସ୍ତ୍ର ଅଳପେ ଶିଖିଲା ଯେ ॥
ଏମନ୍ତ ପ୍ରକାରେ ବାଲ୍ୟ କିଶୋର ବୟସ
ସମାପନ କଲା ରାମ ଭିଲ୍ଲୀପୁର ବାସ ଯେ ॥

ନବମ ସର୍ଗ

ରାଗ ବସନ୍ତ ବରାଡ଼ି

ବସନ୍ତ ବର୍ଣ୍ଣନା, ରମାଇଁ ଦେବ ମୃଗୟା ବିହାର ଖଡ଼ିଆଲ ରାଜାଙ୍କ ସହ ମିତ୍ରତା

(୧)

ଅତି ମଧୁମୟ ମଧୁର ବସନ୍ତ ପ୍ରବେଶ ଆବେଶ ମଧୁରେ
ବିଶ୍ୱ ମଧୁମୟ ପ୍ରସାରୀ ସୁନ୍ଦର ରସାଇ ରସାଳ ବଧୂରେ
କୋକିଳ, କ୍ରମେ କ୍ରମେ ସ୍ୱର ତେଜଇ
ସାରେ ଗାମା ପାଧା ପଞ୍ଚସ୍ୱର ତାନ ପ୍ରବୀଣ ଗାୟକ ରେକଇ ॥

(୨)

ନବ ପଲ୍ଲବିତ ହରିତ ଚିତ୍ରିତ ରସାଳ ପଲ୍ଲବ ଶୋଭନ
ମଧୁ ବିଗଳିତ ବକୁଳ ପୁଷ୍ପିତ ଲତାକୁଞ୍ଜେ କୁଞ୍ଜେ ମଣ୍ଡନ
ଗୁଞ୍ଜନ, ମଦଦଳ ପୁଞ୍ଜ ରଞ୍ଜନ
ମନ୍ଦ ମନ୍ଦ ବାତ ରଜ ବିକିରୀତ ଦିଶିଦିଶି ମଧୁ ସିଞ୍ଚନ ॥

(୩)

ତଳେ ବିଗଳିତ ନିରସ ପତ୍ରିତ ମୁର୍ମୁର ମୁର୍ମୁର ଚଳନେ
ବିରହି ପଥିକ ଅତୀବ କାମୁକ ଧୈର୍ଯ୍ୟ ଚ୍ୟୁତ ପଥେ ଗମନେ
ସଂଯୋଗୀ, କାନ୍ତାସଙ୍ଗେ ବନ ଗମନେ
ଯୋଗୀଜନଙ୍କର ଯୋଗ ଭଙ୍ଗ ହେବ ବ୍ରହ୍ମଚାରୀ ବ୍ରହ୍ମ ସ୍ଖଳନ ॥

(୪)

ନବ ପଲ୍ଲବିତ ପଳାସ ପଳାସ କୁସୁମ କୁସୁମ କାନନ

ସଦ୍ୟ ପ୍ରସ୍ଫୁଟିତ ପରାଗ ପରାଗ ମହକ ମହକ ସ୍ଫୁରଣ
ମଳୟ, ମନ୍ଦ ମନ୍ଦ ଗତି କରଇ
ଲତା କୁଞ୍ଜେ କୁଞ୍ଜେ ପୁଷ୍ପ ପୁଞ୍ଜେ ପୁଞ୍ଜେ ରେଣୁ ବିନ୍ଦୁ ବିନ୍ଦୁ ସିଞ୍ଚଇ ॥

(୫)
ମଧୁ ମକରନ୍ଦ ଅଳିବୃନ୍ଦ ବୃନ୍ଦ କାସାରେ କାସାରେ ଚୁମ୍ବଇ
ତାର ପ୍ରେମିକର କରେ ବଳିଆର ରସରେ ରସରେ ମଜ୍ଜଇ
ବିବୁଧେ, ପଦ୍ମିନୀ ସଙ୍ଗ ଯେ ଲଭିବ
ତେବେ ଜଗତରେ ମଧୁର ସାଗରେ ରସ ନୀର ପାନ କରିବ ॥

(୬)
ମଲ୍ଲୀ ବଲ୍ଲିଚୟ ଅଚ୍ଛିହିଁ ବିସ୍ମୟ ସୁମନା ବାସନା ଭସାଇ
ଗ୍ରହି ରସିକର ସୁକର ସଙ୍ଗର ଆହ୍ଲାଦେ ଅହ୍ଲାଦ କଂପାଇ
ଗ୍ରାହକେ, ପ୍ରକୃତି ପ୍ରେମେ ଯେ ରସିବ,
ତେବେ ସଂସାରରେ ରସିକ ରସିକ ନାଗର ନାଗର ସାଜିବ ॥

(୭)
ନୀଳ କରବୀର ଅତି ହିଁ ପ୍ରବର ନୟନ ଲୋଭନ ପ୍ରସାରୀ
ଶ୍ୟାମ ସୁଶ୍ୟାମଳ ଅତି ନିରିମଳ ବ୍ରହ୍ମମୟ ଚିତ୍ର ଅଜାରୀ
କୋବିଦେ କମନୀୟ କମନୀୟ ସେ
ଥରେ ନୟନରେ ପ୍ରବେଶ ଆବେଶ ପରିତ୍ୟକ୍ତ ନୁହେଁ କେବେ ॥

(୮)
ଶୋକଦୂର ହେତୁ ଅଶୋକ ଅଶୋକ ଦର୍ଶକେ ଦେଲେଣି ଡିଣ୍ଡିମ
କେଉଁ ରସଗୁଣ ରସରେ ନିପୁଣ କେତେ ମାରୁଅଛ ବଡ଼ିମ
ପଣ୍ଡିତେ, ଭାବୁକେ ସେ କଥା ବୁଝିବେ
ଜଡ଼ ଅଙ୍ଗ ଜନ ଜରାଗ୍ରସ୍ତ ପ୍ରାୟ ଷୋଡ଼ସି ଲଳନେ ଦେଖିବେ ॥

(୯)
ବନ ପ୍ରଜ୍ୱଳିତ ଦାବାଗ୍ନି କାନନେ ରଜନୀ ଦିବସ କରଇ
ବନ ପ୍ରସ୍ଫୁଟିତ ପଳାସ ସ୍ତବକ ଦିବସ ରଜନୀ ମଣଇ
ଗ୍ରାହକେ, ବିଯୋଗୀ ଅଇରି ବସନ୍ତ
ଭବେ ଭୋଗ କରି ଦଂପତି ସଯୋଗୀ ହିତକାରୀ ବନ୍ଧୁ ସଂମ୍ମତ ॥

(୧୦)
ଅତି ଉତ୍ସୁକରେ ଶବର କିଶୋର ମୃଗୟା ଗମନ କରନ୍ତି
ତୀକ୍ଷ୍ଣ ଧାର ଶର ଧାମେନ ଗଛର କାର୍ମୁକ କୁଠାର ସ୍କନ୍ଧନ୍ତି
ରମାଇ, ସତ୍ୱରେ ପିଲାଙ୍କ ସଙ୍ଗର
ନିଜ ଅସ୍ତ୍ର ଧରି ପର୍ଶୁରାମ ପରି ଗମନ୍ତି ଅରଣ୍ୟ ଭିତର ॥

(୧୧)
ବୁଲି ବୁଲି ବନେ ଦେଖିଲେ ନୟନେ କୃଷ୍ଣସାର ମୃଗ ସୁନ୍ଦରୀ
ସିଟିମାରି ବେଗେ ଘେରାନ୍ତି ସରବେ ନ ପାରନ୍ତି କେହି ବିଦାରୀ
ଧାବନ୍ତି, ମୃଗ ପଛେ ପଛେ ଶବରେ
ଲକ୍ଷ ଭ୍ରଷ୍ଟ ହେତୁ ରମାଇଁ ରମାଇଁ ଚିତ୍କାର କରନ୍ତି ବନରେ ।

(୧୨)
ବେଗେ ପ୍ରବେଶିଲେ ନିବିଡ଼ ଜଙ୍ଗଲେ ରମାଇଁ କାର୍ମୁକ ସଜାଡ଼ି
ପଥେ ପଥ ଭ୍ରଷ୍ଟ ସହି ନାନା କଷ୍ଟ ମାଗରା ପର୍ବତେ ହାବୁଡ଼ି
ଦେଖିଲେ, ବନରକ୍ଷୀ ଗଣ ସେଠାରେ
ନେଲେ କାବୁକରି କୟେଦି ବିଚାରି ରାଜାଙ୍କ ସାନ୍ନିଧି ପ୍ରଥାରେ ॥

(୧୩)
ରକ୍ଷୀ କହୁଛନ୍ତି ଶୁଣନ୍ତୁ ରାଜନଏ ବଡ଼ ବହଙ୍ଗ ଶବର
ମୃଗ ମାରିବାକୁ ପସିଛି ଏ ଚୋର ମାଗ ରାଜଙ୍ଗଲ ଆମର

ବିଚାର କି' ଦଣ୍ଡ ଏ ମୃତ ଭୋଗିବ
ଶୂଳୀ ଫାଶୀ ଖୁଣ୍ଟେ ଝୁଲାଇ ଝୁଲାଇ ଅବା କାରାଗାର ଭୋଗିବ ॥

(୧୪)
ଶୁଣି ଖଡ଼ିଆଳ ରାଜନ ବୋଲନ୍ତି ଶୁଣ ହେ ଯୁବକ ଶବର
କେଉଁ ଦେଶେ ଘର କାହାର କୁମର କିଂପାଇଁ ଆସିଲ ମୋ ପୁର
ରମାଇଁ, ସଧିର ବଚନେ ବୋଲନ୍ତି
ଆମ ପୁର ବାସୀ ପିଲାଙ୍କ ସଙ୍ଗରେ ଆସିଲି ମୃଗୟା ତଡ଼ତି ॥

(୧୫)
ନାମ ମୋ ରମାଇଁ ଜୟନ୍ତୀ ମୋଦାଇ ଅଜା ମୋ ରାମୁଲୁ ଶବର
ସ୍ଥାନ ଗନ୍ଧଗିରି ତଳରେ ସୁନ୍ଦରୀ ଶବର ନଗରୀ ମର୍ତ୍ତ୍ୟର
ରାଜନ, ଜାଣେନା କେ' ମୋର ପିଅର
ପଥହୁଡ଼ି ହେଲିଁ ମୃଗୟା ବନରେ ପଶିଲି ମାଗରା ଅନ୍ତର ॥

(୧୬) ଗୁଣୀ ଗୁଣବନ୍ତ ଚିହ୍ନନ୍ତି ଅନନ୍ତ ବନର ଔଷଧ ବାରତା
ଗୁଣୀ ଗୁଣବନ୍ତ ଚିହ୍ନନ୍ତି ଅନ୍ତ ସାଗର ଗରଭ ମୁକୁତା
ଭ୍ରମର, ଗୁଣମଧୁ ଚିହ୍ନେ ଯେମନ୍ତ
ଦେଖି ଗୁଣ ସବୁ ରମାଇଁ ହୃଦୟରୁ ଜାଣିଲେ ନୃପତି ତେମନ୍ତ ॥

(୧୭)
ରାଜଚକ୍ର ଚିହ୍ନ ଦେଖିଣ ରାଜନ ବିଶାଳ ସୁନ୍ଦର ଶରୀର
ଭୀମ ଯୁଧିଷ୍ଠିର ଲକ୍ଷ୍ମଣ କୁମର ଅବା ରାମଚନ୍ଦ୍ର ମୋ ପୁର
ରଣରେ ଛଡ଼ାଇ ନେବେ କି' ମୋ ପୁର
ଚିତ୍ତେ ଚିନ୍ତା କରି ହୃଦରେ ବିଚାରି ମିତ୍ରତା କରିଲେ ସତ୍ୱର ॥

(୧୮)

ବୋଲେ ମହାଭାଗ ଆଜି ମୋ ସୌଭାଗ୍ୟ କରିଲିଁ ମିତ୍ର ଦର୍ଶନ
ବହୁ କଷ୍ଟ ଅନ୍ତେ ମିତ୍ରତା ଯୁକତେ ସାର୍ଥକ ହୋଇଛି ଜୀବନ
ବନ୍ଧୁହେ, ବିପଦେ ସଂପଦେ ବେନିଙ୍କ,
ଶୁଭ ସଉରଭ ମଙ୍ଗଳ ସୁଲଭ ସହଯୋଗ ଥାଉ ପ୍ରଭୁଙ୍କ ॥

(୧୯)

କରି ଆଲିଙ୍ଗନ ଆତିଥ୍ୟ ଭୋଜନ ବିବିଧ ମିଷ୍ଟାନ ରସରେ
ସାଧୁ ସମ୍ଭାଷଣ ମଧୁର ବଚନ ତୋଷିଲେ ରମାଇଁ ମନରେ
ବନ୍ଧୁହେ, ନ ଧରିବ ଦୋଷ ଆମର
ପ୍ରେମେ ନମସ୍କାର କରିଣ ସତ୍ୱର ବିଦାୟ କରିଲେ ମିତ୍ରର ॥

(୨୦)

ସମୟ ଉଛୁର ହେବାରୁ ରାମୁଲୁ ଛନଛନ ମନ ଉଚ୍ଛନ୍ନ
ଗତାଗତ କରେ ବାହାର ଭିତରେ ରମାଇଁ ରମାଇଁ ଭଜନ
ପଚାରେ, ପଥଚାରୀ ପଥେ ଜନଙ୍କୁ
କେଣେ ଗଲା ମୋର ରଙ୍କର ରତନ ଭେଟିଲକି ? ଭାଇ ରାମଙ୍କୁ ॥

(୨୧)

ରବି ଅସ୍ତାଚଳେ ଗମନ କରନ୍ତେ ଫେରିଲେ ରମାଇଁ ବଣରୁ
ଦେଖି ଭିଲ୍ଲୀ ବର ପ୍ରେମେ ରତ୍ନାକର ଚନ୍ଦ୍ରମା ପରାୟେ ମନରୁ
ସତ୍ୱର, ହୃଦରେ ଆଲିଙ୍ଗି ବୋଇଲା
ରଙ୍କ ନିଧି ଧନ ପ୍ରାପତି ପରାୟେ ଦୂରରୁ ପାଛୋଟି ଘେନିଲା ॥

(୨୨)

ପୁଛି ଭିଲ୍ଲୀବର ମୃଗୟା ଖବର ବିଳମ୍ବ କାରଣ ବାରତା
ହୃଦ୍ୟ ମାଗରାର ସର୍ବସମାଚାର ପ୍ରଶଂସି ରମାଇଁ ବୀରତା

ଆହ୍ଲାଦେ, ରୋମାଞ୍ଚିଲା ସର୍ବ ଅଷ୍ଟାଙ୍ଗ
ଧନ୍ୟ ବୀର ମଣି ଜଗତେ ଅଗ୍ରଣି ହୋଇବ ବରଣୀ ଖଡ୍ଗାଙ୍ଗ ॥

(୨୩)
ଉଚ୍ଚେ ଆଶ୍ରା କଲେ ଉଚ୍ଚ ଫଳ ମିଳେ ନିଚ୍ଚେ ମିଳେ ନିଚ ପ୍ରୀତି
ଦରି ମୃଗରାଜ ମୁକୁତା ସାଗର ଶୃଗାଳ ଗଣ୍ଡୁ ମଢ଼ ଅସ୍ଥି
ଚାତକ ସେବଇ ବାରିଧର ନଭେ
ହ୍ରଦେ ହ୍ରଦଚର ବନରେ ମୟୂର ମହତେ ହମତ ଏଭବେ ॥

(୨୪)
ସେବା ମହାବୃକ୍ଷ ଦିଅଇ ପ୍ରତ୍ୟକ୍ଷ ସୁଫଳ ସୁଛାୟା ଯୁକତେ
ଯଦି ଫୁଲ ଫଳ ନୋହିବ ସଫଳ ଛାୟା କେ ବାରଣ ଜଗତେ
ସୁଜନେ, ସେବିବ କାମଧେନୁ ଗାଈ
ରସହୀନ ହେଲେ ଗୋବର ଗୁହାଳେ କେ ଜନ ନିବାରି ପାରଇ ॥

(୨୫)
ବଳଶାଳୀ ବଳେ ଅଳ୍ପ ବଳୀ ବଳେ ଆପେ ଆପେ ମିଶି ଯାନ୍ତି
ରବି ରଶ୍ମି ତନୋ ଖଦ୍ୟୋତିକା ଯେତେ ଜ୍ୟୋତିରାଶି ସର୍ବେ ମିଶନ୍ତି
ବାଦ୍ୟରେ, ବଂଶସ୍ୱରେ ଅନ୍ୟେ ମିଶନ୍ତି
ଗିରି ନଦୀ ରାଜି ଗମି ମହାନଦୀ ମହାସାଗରରେ ମିଶନ୍ତି ।

ଦଶମ ସର୍ଗ

ରାଗ କଳହଂସ କେଦାର

ହରିଶଙ୍କରର ମହତ୍ତ୍ୱ, ଚକ୍ରଧର ପାଣିଗ୍ରାହୀଙ୍କ ସ୍ୱପ୍ନ ଦର୍ଶନ, ରାଜା ଅନ୍ୱେଷଣାର୍ଥେ ଖଡ଼ିଆଳ ଗମନ

କୋଶଳ ଦେଶେ ଗନ୍ଧ ଗିରି ଶୋଭନ
ତା'ର ଦକ୍ଷିଣ ଦେଶେ ରାଜପାଟନ ।
ପବିତ୍ର ତୋୟବତୀ ଶୁକ ସରଣୀ
ଅବିରତେ ପ୍ଲାବିତ ବକ୍ଷେ ଧରଣୀ ହେ ॥ ୧ ॥

ପର୍ଣ୍ଣ ଗହଳ ଯହି ତରୁବ୍ରତତୀ
ତହିଁ ହରିଶଙ୍କର ସଦା ବସନ୍ତି ।
ପବିତ୍ର ଚିର ସ୍ରୋତା ଝର ଯହିଁରେ
ସ୍ୱଚ୍ଛ ସଲୀଳ ଯାର ପର୍ବତୁଁ ଗିରେ ହେ ॥ ୨ ॥

ସେ, ନୀର ସ୍ନାନେ ହରି ଶଙ୍କରଙ୍କର
ହରି ଚନ୍ଦନ ପୁଷ୍ପ ବେଲପତର
ଭାସି ଭାସି ଆବିଳେ ଧବଳରଙ୍ଗ
ଗଙ୍ଗା ସଲୀଳ ସଙ୍ଗେ ପବିତ୍ର ସଙ୍ଗ ହେ ॥ ୩ ॥

କୁଳୁ କୁଳୁ ନାଦରେ ସୁମୁଖରିତ
ପଶୁପକ୍ଷିଣୀ ସଦା କରନ୍ତି ନୃତ୍ୟ
ମଧୁମଳୟ ଯହି ଛାଡ଼ଇ ନାହିଁ
ଫଳ ପୁଷ୍ପ ତୋୟରେ ଜଗତ ମୋହି ହେ ॥ ୪ ॥

ଉନ୍ନତ ଗିରି ତରୁ କୂଳ କୂଳରେ
କର ପ୍ରସାରି ଡାକେ ମତ୍ତ ଭୋକରେ ।
ପବିତ୍ର ଜଳେ ସ୍ନାନ କର ହେ ନର
ଜଞ୍ଜାଳ ଜୀବନର କଳୁଷ ହର ହେ ॥ ୫ ॥

ପବିତ୍ର ଜଳେ ଯେହୁ ଜନ ସ୍ନାହାନ
ମନୁଷ୍ୟ ଜୀବନକୁ କରେ ବରେଣ୍ୟ
ସୁବାସ ଜଳ ସିଞ୍ଚା ପବିତ୍ର ଭୂମି
ଜାତ ହୁଅନ୍ତି ବୀର ସନ୍ତାନ ମଣି ହେ ॥ ୬ ॥

ପବିତ୍ର ସ୍ଥାନ ମଣି ଜଗଜ୍ଜନନୀ
ଯୁଗ ଯୁଗ ବର୍ଷରୁ କଲେ ରହଣୀ
ପାଟଣେଶ୍ୱରୀ ନାମ ଜଗତେ ଖ୍ୟାତ
ପାଟଣା ଗଡ଼ ନାମ ଜଗତେ ଜାତ ହେ ॥ ୭ ॥

ନାରୀ ବୀର ପୁରୁଷେ କରେ ଲମ୍ପଟ
ଭୀରୁ କା ପୁରୁଷରେ ପ୍ରପଞ୍ଚ ହଟ
ବୀର ଭୋଗ୍ୟା ସେ ବସୁନ୍ଧରା ସୁନ୍ଦରୀ
ଉମା ସୁନ୍ଦରୀ ବର କ୍ରୋଧ ଆଚରୀ ହେ ॥ ୮ ॥

ବେଶ୍ମ ମୁରବିହୀନେ ଶ୍ମଶାନ ଗାର
ଗ୍ରାମ ମୁରବି ହୀନେ ବିପ୍ଳବ ସାର
ବୃକ୍ଷ ବିହୀନେ ଲତା ଦଶା ଯେମନ୍ତ
ଧବ ବିହୀନେ ନାରୀ ସ୍ଥିତି ତେମନ୍ତ ଯେ ॥ ୯ ॥

ଗଙ୍ଗବଂଶ ନୃପତି ରତନ ପୁରୀ
ପାଟଣେଶ୍ୱର ଶିଖା କରିଲା ଛୁରୀ ।

ତେଣୁ ମୁଖ୍ୟ ଗ୍ରାମୀଣ ପାଇ ସୁଯୋଗ
ସପ୍ତ ଦିବସ ଜଣ ଜଣକୁ ଭୋଗ ହେ ॥ ୧୦ ॥

ଖଞ୍ଜିଲେ ଦିବ୍ୟାସନେ ଲେମ୍ଭୁ ସୁବର୍ଣ୍ଣ
ଖଡ୍ଗ ସହିତେ ଛତ୍ର ମୁକୁଟ ଚିହ୍ନ
ରାଜୁତି କଲେ ବସି ଅଷ୍ଟ ଗ୍ରାମୀଣ
କାହା ବିଚାର କେବେ ନୋହି ସମାନ ହେ ॥ ୧୧ ॥

ଦିନକୁ ଦିନ କନ୍ଦଳ ବଢ଼ିଲା ଖରେ
ରବି ବିହୀନେ ଯଥା ତମସା ବରେ
ଉପାଦାନେ ଗର୍ଭରେ ବଟ ବିହନ
ପ୍ରଘଟ ଘଟେ ଯଥା ମନକୁ ମନ ହେ ॥ ୧୨ ॥

ଚକ୍ରଧର ପ୍ରଧାନ ସଚିବ ନାମ
ଚକ୍ରଧର ସଙ୍ଗତେ ଯୋଗ ଲଗନ
ବୃହସ୍ପତି ବିଚାରେ ବୁଦ୍ଧି ଗଣେଶ
ଚତୁରେ ମଘୋବାନ ହାରିବେ ଶେଷ ହେ ॥ ୧୩ ॥

ଏକାନ୍ତେ ବସି ଦିନେ ରଜନୀ କାଳେ
ଚିନ୍ତା କରନ୍ତି ମନ୍ତ୍ରୀ ରାଜ୍ୟ ସମ୍ଭାଳେ
ନୋହିବ ପ୍ରୟୋଜନ ବହୁ ନାୟକ
ନାଶ କରିବେ ନିଶ୍ଚେ ରାଜ୍ୟ ସନ୍ତକ ହେ ॥ ୧୪ ॥

ବହୁ ନାୟକ ନାଶେ ସୁଫଳ କାମ
ଶିଶୁ ନାୟକ ଯହିଁ କପାଳ ବାମ
ନାରୀ ନାୟକ ନାଶେ ସୌଭାଗ୍ୟ ଶିରୀ
ମୂର୍ଖ ନାୟକ ସଦା ପ୍ରଜା ଅଇରି ହେ ॥ ୧୫ ॥

ଦୁଷ୍ଟ ନାୟକ ପ୍ରଜା ପୀଡ଼ନ କାରୀ
ମତ୍ସର ରାଜା ରାଜ୍ୟ ଅଳପେ ହାରୀ
ଦୀର୍ଘସୂତ୍ରୀ ରାଜନ ଶତ୍ରୁରେ ନାଶ
ଅବିବେକୀ ନାୟକ କ୍ଷଣେ ବିନାଶ ହେ ॥ ୧୬ ॥

କବିରେ କାଳିଦାଶ ପୁରାଣେ ବ୍ୟାସ
କଥାରେ ରାମାୟଣ କ୍ରୀଡ଼ାରେ ରାସ
ମାସରେ ମାର୍ଗଶୀର ବିଷ୍ଣୁ ପୁରୁଷ
ବଂଶରେ ଚହୁଆଣ ରାଜୁତି ଶ୍ରେଷ୍ଠ ହେ ॥ ୧୭ ॥

ଚିନ୍ତା ମଗନ ଯୋଗେ କଲେ ଶୟନ
ଚତୁର୍ଥ ପ୍ରହରରେ ସ୍ୱପ୍ନ ଦର୍ଶନ
ସମ୍ମୁଖେ ଦିବ୍ୟ ନାରୀ ଦଣ୍ଡାୟମାନ
ପାଟ ବସ୍ତ୍ର ଶୋଭିତ ହାର ମଣ୍ଡନ ହେ ॥ ୧୮ ॥

ନେତ୍ରରୁ ଦୁଇଧାର ଲୁହ ଗଡ଼ାଇ
ବୋଲନ୍ତି ଧୀରସ୍ୱରେ ଶୁଣ ଗୋସାଇଁ
କେତେ ସହିବି ଏହି ମୂର୍ଖ ଗଞ୍ଜଣ
ବ୍ୟବସ୍ଥା କର ବେଗେ ବୀର ବରଣ ହେ ॥ ୧୯ ॥

ଚକ୍ରଧର ବୋଲଇ ଶୁଣ ଗୋ ମାତ
କେଉଁଠୁ ପାଇବି ମୁଁ ପ୍ରବର ସୁତ
ଦେବୀ ବୋଇଲେ ଯିବୁ ପଶ୍ଚିମ ଦେଶେ
ସନ୍ଦେଶ ପାଇବୁ ତୁ ମାଗରା ଦେଶେ ହେ ॥ ୨୦ ॥

ଭିଲ୍ଲୀ ପୁରରେ ଜନ୍ମ ମୋ ପୁର ସ୍ୱାମୀ
ବରଣ କରିଆଣ ସତ୍ୱର ଗମୀ

ଅଷ୍ଟ ମଲ୍ଲକୁ ବେଗେ କରାଅ ହତ
ଶାସନ ଭାର ଅର୍ପି କରାଅ ହିତ ହେ ॥ ୨୧ ॥

ଏମନ୍ତ ବୋଲି ଦେବୀ ଉଭେଇ ଗଲେ
ଚକ୍ରଧର ଚମକି ଶଯ୍ୟା ତେଜିଲେ
ଦେଖିଲେ କେହି ନାହିଁ ତାଙ୍କ ସନ୍ନିଧ
ଧନ୍ୟ ପାଟଣେଶ୍ୱରୀ କରୁଣାନିଧି ଗୋ ॥ ୨୨ ॥

ବିପଦ କାଳେ ତୁହିଁ ଉପୁଜି ଲଭୁ
ଧନ୍ୟ ଜନନୀ ଧନ୍ୟ ତୋହର ପ୍ରଭୁ
ଜାଣିଲିଁ ଆଜି ତୋର ଏ ପୂଣ୍ୟ ବ୍ରତ
ପୁରଣ ହେବ ନିଶ୍ଚେ ତୋ ମନୋରଥ ଗୋ ॥ ୨୩ ॥

ଏଥୁ ଅନ୍ତରେ ନିଶି ହୋଇଲା ଶେଷ
ପ୍ରଭାତ ବିରାଜିଲା ହୋଇ ସୁବେଶ
ପ୍ରାଚୀ ପ୍ରଭାତୀ ଦୀପ ଉଜ୍ୱଳ ହେଲା
ମଙ୍ଗଳ ହୁଳହୁଳି ଶାରଙ୍ଗ ଦେଲା ହେ ॥ ୨୪ ॥

ବ୍ରହ୍ମ ମୁହୂର୍ତ୍ତେ ମନ୍ତ୍ରୀ ଶୁଭେ ଗମନ
ପ୍ରବେଶ ଖଡ଼ିଆଳ ରାଜଭବନ
ନିଜ ସଂଦେଶ ବାର୍ତ୍ତା ଦ୍ୱାରୀହସ୍ତରେ
ପ୍ରେରଣ କଲା ଜବେ ରାଜାଙ୍କ ପୁରେ ହେ ॥ ୨୫ ॥

ପ୍ରଣମି ବାର୍ତ୍ତାବହ ଛାମୁଙ୍କୁ ଯାଇ
ପାଟଣା ମନ୍ତ୍ରୀ ବାର୍ତ୍ତା ସତ୍ୱର ଦେଇ
ସ୍ୱାଗତ ସମ୍ମତିକା ନେଇ ତଡ଼ତି
ପ୍ରବେଶ ହେଲା ଆସି ମନ୍ତ୍ରୀଙ୍କ କତି ସେ ॥ ୨୬ ॥

ମନ୍ତ୍ରୀଙ୍କୁ ଘେନି ସଙ୍ଗେ ଛାମୁ ସନିଧି
ଭେଟ କରାଇ ଦୂତ ସ୍ୱସ୍ଥାନ ଲଭି
କର ପତ୍ର ଯୋଡ଼ିଣ ସେ ମନ୍ତ୍ରୀବର
ସନମ୍ର ବିନୟରେ କଲା ଜୁହାର ହେ ॥ ୨୭ ॥

ସମ୍ମତି ପାଇଁ ଅଗ୍ର ଆସନେ ବସି
ପ୍ରୀତି ଭାଷଣ ମାନ ଛାମୁରେ ଭାଷି
ଉତ୍ତମ ଆତିଥ୍ୟରେ ସଚିବେ ତୋଷି
ତହୁଁ କୁଶଳ ପ୍ରଶ୍ନ ନୃପତି ଭାଷି ହେ ॥ ୨୮ ॥

ତଦନ୍ତେ ରାଜ୍ୟ ସମାଚାର ପଚାରି
ଆୟତ୍ତ କରିନେଲେ ହୃଦ ଅନ୍ତରି
ମୃଦୁ ମୃଦୁ ହସରେ ସଚିବ ବର
ସର୍ବ ପ୍ରଶ୍ନ ଉତ୍ତର ଦେଲେ ସତ୍ୱର ଯେ ॥ ୨୯ ॥

ଛାମୁ ସୁଦୟାରୁ ସର୍ବ କୁଶଳ
ମୋ ପରିବାର ଗୃହେ ରାଜ୍ୟେ ମଙ୍ଗଳ
ଉନ୍ନତି ପ୍ରଜାଗଣ ପାଳନେ ପ୍ରୀତ
ସପରିବାର ଗୃହେ ରହିଛନ୍ତି ତ ହେ ॥ ୩୦ ॥

ମୃଦୁ ବଚନେ ନୃପ ମଙ୍ଗଳ କହି
ଆଗମନ କାରଣ ସଚିବେ କହି
ତୁନି ରହିଣ ମନ୍ତ୍ରୀ କ୍ଷଣ ସମୟ
ନ କହି ତାଙ୍କ ହୃଦ ହୁଏ ଅଥୟ ॥ ୩୧ ॥

ଆଜି ରାତ୍ରେ ଦେଖିଲି ଅପୂର୍ବ ସ୍ୱପ୍ନ
ତେଣୁ ମୋ ମନ ହୁଏ ଅତି ଉଚ୍ଛନ୍ନ
ଅର୍ଦ୍ଧ ରାତ୍ରରେ ଦେବୀ ଶୟନ କକ୍ଷ

ବିଜେ କରିଣ ବୋଲେ ଶୋଚନା ବାକ୍ୟ ଯେ ॥ ୩୨ ॥

କର ହେ ଚକ୍ରଧର ବୀର ବରଣ
ସହି ପାରିବି ନାହିଁ ମୁର୍ଖ ଗଞ୍ଜଣ
କହିଲିଁ ଦେବୀ ! ବୀର ପାଇବି କାହିଁ
ଆଦେଶ ହେଉ ମାତ ! ଗମିବି ତହିଁ ॥ ୩୩ ॥

ଦେବୀ ବୋଇଲେ ବତ୍ସ ! ପଶ୍ଚିମ ଦେଶେ
ମାଗରା ରାଜ୍ୟେ ତୁହି ଲଭ ସଂଦେଶେ
ଭିନ୍ନ ପୁରରେ ବାସ ମୋ ପୁର ସ୍ୱାମୀ
ବରଣ କରି ଆଣ ସତ୍ୱର ଗମୀ ହେ ॥ ୩୪ ॥

ଦେବୀ ଆଦେଶ ତବ ସନ୍ନିଧି ହେଲିଁ
କହନ୍ତୁ ମହାରାଜ ସ୍ୱପ୍ନ ପ୍ରହେଳି
ସତ୍ୟ ଅସତ୍ୟ ଜାଣି ପାରିଲି ନାହିଁ
ପ୍ରକାଶ କର ପ୍ରଭୁ ଛଳ ନ ବୋହି ହେ ॥ ୪୫ ॥

ମନ୍ତ୍ରୀ ବଚନ ଶୁଣି ନୃପତି ମଣି
ଧନ୍ୟ ଚକ୍ରଧର ହେ ସଚିବ ମଣି
ଧରା ଜନମ ତୁମ୍ଭ ସାର୍ଥକ ହେଲା
ଦେବୀ ବଚନ ତୁମେ ନକର ହେଲା ହେ ॥ ୩୬ ॥

ପବିତ୍ର ବୋଲି ତୁମ୍ଭ ବେନି ନୟନ
ଏଣୁଁ ଲଭିଲ ବୀର ଦେବୀଦର୍ଶନ
ଧନ୍ୟ ପାଟଣେଶ୍ୱରୀ ଧନ୍ୟ ତୋ ମାୟା
ଭକତ ପ୍ରେମିକରେ ଦେଖାଉ କାୟା ଗୋ ॥ ୩୭ ॥

ଏମନ୍ତ କହି ନୃପ ଦୃଢ଼ ହସ୍ତରେ

ଚିଟାଉ ପଠାଇଲେ ଅତି ସତ୍ୱରେ
ଦୂତ ବେଗରେ ସେହୁ ନୃପ ଆଦେଶେ
ପ୍ରବେଶ କଲା ତହୁଁ ଭିଲ୍ଲୀ ପ୍ରଦେଶ ଯେ ॥ ୩୮ ॥

ପ୍ରେରିତ ପତ୍ର ଦେଇ ରମାଇ ହସ୍ତେ
ପ୍ରଣମି ସର୍ବ ବାର୍ତ୍ତା ପ୍ରକାଶେ ଆସ୍ତେ ।
ପତ୍ର ପଢ଼ିଣ ବୀର ହରସ ହେଲେ
ଗୁରୁଜନ ଆଦେଶେ ଗମନ କଲେ ସେ ॥ ୩୯ ॥

ପ୍ରାସାଦୁଁ ଦେଖି ନୃପ ମିତ୍ର ପ୍ରବେଶେ
ପାଛୋଟି ନେଲେ ବେଗେ ହୋଇ ହରଷ
ହୃଦ ହୃଦ ମିଲାଇ ମିଳନ ହେଲେ
ଦିବ୍ୟ ଆସନ ଦେଇ ସେବା କରିଲେ ସେ ॥ ୪୦ ॥

କୁଶଳ ବାର୍ତ୍ତା ପରେ ଆହ୍ୱାନ ବାର୍ତ୍ତା
ପ୍ରେମ ଗଦ୍‌ଗଦେ ହେଲେ ଉଭୟେ କଥା
ଏମନ୍ତ କାଳେ ମନ୍ତ୍ରୀ ଚକର ଧର
ପ୍ରବେଶ କଲେ ବେନି ମିତ୍ର ମଧ୍ୟର ॥ ୪୧ ॥

ପ୍ରଣମି ବେନି ମିତ୍ରେ ଉପ ଆସନେ
ବସିଲେ ଯାଇତହିଁ ହୋଇ ମଉନେ
ନୃପ ଚକ୍ରଧରଙ୍କୁ ମିତ୍ରେ ଚିହ୍ନାଇ
ବୋଲନ୍ତି ପାଟମନ୍ତ୍ରୀ ପାଟଣା ସାଇଁ ॥ ୪୨ ॥

ତୁମଙ୍କୁ ରାଜ ପଣେ କରିବା ପାଇଁ
ଆମ ପୁରଲୁ ଆସି ପାଟଣା ସାଇଁ
ଗମନ କର ମିତ୍ର ମନ୍ତ୍ରୀ ସଙ୍ଗର
ରାଜ୍ୟ ଶାସନ କର ପାଟଣା ପୁର ହେ ॥ ୪୭ ॥

ଏକାଦଶ ସର୍ଗ

ରାଗ କାଳି

ରମାଇଁ ଦେବଙ୍କ ପାଟଣାଗଡ଼ ପ୍ରବେଶ

ବିଜୟ ବୀର ସୈନ୍ୟ ସଙ୍ଗର ଯିବା ପାଟଣାପୁର
ବାହାର ହୋଇ ବିହର ତହିଁ କହନ୍ତି ଚକ୍ରଧର ॥ ୧ ॥
ବିଶ୍ୱେ ସୁନ୍ଦର ସେ ପୁର ବର ଯାହାକୁ ବୋଲିବାର
ବନ ପ୍ରକୃତି ଶୋଭାକୁ ଅତି ବହନ ଇନ୍ଦ୍ରପୁର ॥ ୨ ॥
ରାଜା ବିହୀନେ ଅରାଜ ବନେ ପଡ଼ିଛି ମହୀତଳେ
ଧନ ବିହୀନେ ବିଧବା ଜନେ ବିଟପି ଭୂମି ତଳେ ॥ ୩ ॥
ଅଷ୍ଟ ମୂଳିଆ ରହି ହଳିଆ ହାନ୍ଦୋଳି ଦେଲେ ପୁର
ପଦ୍ମ କାସାରେ ଗଜବିହାରେ ଯଥା ପଦ୍ମିନୀ ଚୂର ॥ ୪ ॥
ଧର ଖଡ଼୍ଗ ହୋଇ ବହଙ୍ଗ ଛେଦନ ଅଷ୍ଟ ଶିର
ପୁର ସମନ ପ୍ରେରୀ ରାଜନ ଘେନହେ ରାଜ୍ୟ ଭାର ॥ ୫ ॥
ମିତ୍ର ସଇନ କରି ଗ୍ରହଣ ବିଜୟେ ବାହାରିଲେ
ଦୀପ ଜଳାଇ କୁମ୍ଭ ବସାଇ ବାଇଦ ବଜାଇଲେ ॥ ୬ ॥
ଧ୍ୱଜା ଉଡ଼ାଇ ଅଶ୍ୱ ମେଲାଇ ସୁବେଶେ ବାହାରିଲେ
ବ୍ରହ୍ମ ଭୋଜନ ଭିକ୍ଷୁରେ ଦାନ ମଙ୍ଗଳ ଆଚରିଲେ ॥ ୭ ॥
ଶୁଭ ବେଳାରେ ନୋହି ହେଳାରେ ନଗରୁ ବାହାରିଲେ
ବାମରେ ଶିବା ମୃଗ ଗୋ ବିପ୍ର ସୁକଳସ ଭେଟିଲେ ॥ ୮ ॥
ଉଡ଼ିଲା ଧୂଳି ଖୁର ସେ ବାଜି ଗଗନେ ଆବୋରିଲା
ଅକାଳି ମେଘ ଘୋର ଶବଦ ଦୁନ୍ଦୁଭି ଶବ୍ଦ କଲା ॥ ୯ ॥
କେତନ କୁଳ ଦିଶେ ଉଜ୍ଜ୍ୱଳ ବିଜୁଳି ଚମକିଲା
ବାଜିର ଖୁର କରି ଟପର ବରଷା ଶବ୍ଦ କଲା ॥ ୧୦ ॥
ସଇନ କୁଦି ବୋହିଲେ ନଦୀ ଭୀଷଣ ଶବ୍ଦ କରି
କୂଳକୁ ମାଡ଼ି ପଥକୁ ହୁଡ଼ି ଗର୍ଜନ ସିନ୍ଧୁ ବାରି ॥ ୧୧ ॥
ପ୍ଲାବିବେ ବନ୍ୟା ମାଡ଼ି ପାଟଣା କଲୁଷ ନେବେ ଭାସି
ପବିତ୍ର କରି ପାଟଣେଶ୍ୱରୀ ପୂଜିବେ ସର୍ବେ ଆସି ॥ ୧୨ ॥

ପ୍ରାତଃ କାଳରେ ପାଟଣା ପୁରେ ପ୍ରବେଶ ସେନା ଚାରି
ବ୍ୟୁହ ରଚାଇ ରଣ ଭିଆଇ ପୁରକୁ ଦେଲେ ଘେରୀ ॥ ୧୩ ॥
ସୁମନ୍ତ୍ରୀ ବର ଚକରଧର ଅଭିନ୍ନ ଚକ୍ରଧର
ସେ ବିଭୀଷଣ ନୁହଇ ଭିନ୍ନ ଯୁଦ୍ଧ କରି ରାମର ॥ ୧୪ ॥
ବୀର ରମେଇ ଖଡ୍ଗେ ବିଦାରୀ ଅଷ୍ଟମଲ୍ଲର ବୁକୁ
କଷାଇ ଶାଳେ ଅଜାର ଶିର କାଟିଲା ପରି ଚକୁ ॥ ୧୫ ॥
ଅଷ୍ଟମୁଖ୍ୟକୁ ଅଷ୍ଟ ଅଙ୍ଗକୁ ଖଣ୍ଡ ବିଖଣ୍ଡ ଛେଦି
ଖୋଳିଲେ ଗାତ ପୋତି ସମସ୍ତ ରଚିଲେ ରାଜଗାଦି ॥ ୧୬ ॥
ଶୋଣିତ ନଦୀ ବୋହିଲା ଭେଦୀ ମେଦିନୀ ପୁରେ ଯାଇ
ରବି କିରଣ ପାଇସେ ପୁଣ ତେଜ କି ବିକିରଇ ॥ ୧୭ ॥
ଅସ୍ଥି ମାଉଁସ ପଡ଼ିଲା ଶେଷ ମାଟିର ତଳେ ରହି
ତନ୍ତ୍ର ସାଧନ କରିଲେ ରାମ ତାର ଉପରେ ରହି ॥ ୧୮ ॥
ଜଗାଇ ଖଣ୍ଡା ତ୍ରିଶୂଳ ଧଣ୍ଡା ଗଢ଼ିଲେ ରାଜବାଟି
ପାଟଣେଶ୍ୱରୀ ମନ୍ଦିର ତୋଳି ଶାସନ ପରିପାଟି ॥ ୧୯ ॥
ପୂଜିଲେ ଶିବ ସଙ୍ଗେ ମାଁ ଶିବା ସମଲେଶ୍ୱରୀ ପୁଣ
କରି ଭକତି ଲଭି ଶକତି ହୋଇଲେ ମହୀୟାନ ॥ ୨୦ ॥
ଅଭୟ ଦେଲେ ପରଜାକୁଳେ ଥୟ ହୋଇଲା ପୁର
ଦିନକୁ ଦିନ ଉଦିଆ ଜହ୍ନ ପରାୟେ ଯଶାଙ୍କୁର ॥ ୨୧ ॥
ପାଳନେ ପ୍ରଜା ଧାର୍ମିକ ରାଜା ଯୁଧିଷ୍ଠିର ହାରିବେ
ରାମ ମଘୋନ ବଳି ରାବଣ ତୁଳ କେହି ନୋହିବେ ॥ ୨୨ ॥
ପଡ଼ୋସି ରାଜା କରିଣ ଭୟ ନଦୀରେ ନାଳ ପରି
ଅନଳ କୋଳେ ପତଙ୍ଗ ପ୍ରାୟେ ବାନ୍ଧବ କରି ତାରି ॥ ୨୩ ॥
ମହକ ଫୁଲେ ଭ୍ରମର ବୁଲେ ଆୟତ୍ତ ହେଲା ପରି
ସେ ବାସ ପାଇ ମହକ ହୋଇ ନିର୍ଗୁଣ ନର ନାରୀ ॥ ୨୪ ॥
ଅଜଣା ବନ୍ଧୁ ବାନ୍ଧିବେ ସିନ୍ଧୁ ଯାଚିବେ ରତ୍ନନାରୀ
ଦିନକୁ ଦିନ ପ୍ରସ୍ତାବ ଆସେ କାହାକୁ ନୁହେ ବାରି ॥ ୨୫ ॥
ଧୀର ବିବେକ ପଣ୍ଡିତ ଲୋକ ଆଦରି ହୃଦେ ତାରି
ଦିଗ ଦିଗକୁ ଛୁଟିଲା ଯଶ ମଳୟ ବାସ ଭରି ॥ ୨୬ ॥

ଦ୍ୱାଦଶ ସର୍ଗ

ରାଗ ମଙ୍ଗଳ

ରତ୍ନଗର୍ଭାଙ୍କ ଜନ୍ମ ଓ ଯୌବନ ବର୍ଣ୍ଣନା

ଉତ୍କଳ ଦେଶରେ ଗଙ୍ଗପୁର ନାମେ ନଗ୍ର
ବିଶ୍ୱରେ ବିଦିତ ଖ୍ୟାତି ଅତି ମନୋହର ଯେ ॥ ୧ ॥
କମଳା ସର୍ବଦା ଯହିଁ ନିତ୍ୟ କରି ବାସ
ଶିବ ସେବା ସଦା ଜନେ କରନ୍ତି ଅଭ୍ୟାସ ଯେ ॥ ୨ ॥
ବିଦ୍ୟା ବୁଦ୍ଧି କୁଶଳରେ ପରସ୍ପରରେ ଜିଣା
ଧର୍ମ ଅର୍ଥ କାମ ମୋକ୍ଷେ ନୁହନ୍ତି କେ ଊଣା ଯେ ॥ ୩ ॥
କୃତି ବାସ ନାମେ ନୃପ ତହିଁ ନରେଶ୍ୱର
କୃତିକା ନାମରେ ରାଜ ମହିଷୀ ତାଙ୍କର ଯେ ॥ ୪ ॥
ଅପୁତ୍ରିକ ହେତୁ ରାଜା ସର୍ବଦା ଚିନ୍ତିତ
ପୁତ୍ରାର୍ଥେ ପୂଜନ୍ତି ଭକ୍ତି ପ୍ରେମେ ପାଶୁପତ ଯେ ॥ ୫ ॥
ଏକ ଶତ ଆଠ ବେଲ ପତ୍ର ପ୍ରତି ଦିନ
ଶିବ ଲିଙ୍ଗ ସମର୍ପଣ ସହିତେ ଚନ୍ଦନ ଯେ ॥ ୬ ॥
ଏକାକ୍ଷରୀ ମନ୍ତ୍ର ବୃକ୍ଷାସନେ ବସି ଜପି
ପୂଜନ୍ତି ପଶୁପତିଙ୍କୁ ସହୃଦୟେ ସ୍ଥାପି ଯେ ॥ ୭ ॥
କିଛି ଦିନ ଅନ୍ତେ ରାଣୀ ଅନ୍ତସତ୍ତ୍ୱା ହେଲେ
ଦିବ୍ୟ ରୂପୀ ଦୁହିତେକ ଜନମ ସେ କଲେ ଯେ ॥ ୮ ॥
ଷଷ୍ଠ ଦିବସରେ ଷଷ୍ଠୀ ଦେଉଟୀ ମନାଇ
ଏକ ବିଂଶ ଦିସରେ ନାମ ଦେଲେ ସେହି ଯେ ॥ ୯ ॥
ଯୋଗ ଲଗ୍ନ ଦେଖି ପୁରୋହିତ ମନସ୍କାମ
ରତ୍ନଗର୍ଭା ହେଉ ବୋଲି ପ୍ରକାଶିଲେ ନାମ ଯେ ॥ ୧୦ ॥
କ୍ରମେ କ୍ରମେ କନ୍ୟା ବଢ଼େ ଚନ୍ଦ୍ରପକ୍ଷ ପ୍ରାୟେ
ରମ୍ଭା ବଂଶଲିଙ୍ଗ ତନୁ ବର୍ଦ୍ଧନ ବିସ୍ମୟେ ଯେ ॥ ୧୧ ॥

ଆଡ଼ ବାଡ଼ ଧରି ଗତି ପ୍ରଚେଷ୍ଟା ତାହାର
ଦର୍ଶନ ଜନେ ମୋହିଲା କ୍ରିକେଟ ପ୍ରକାର ଯେ ॥ ୧୨ ॥
ଦରଦର ଭାଷା ପୁଣି ଦରହର ହାସ୍ୟ
ପ୍ରିୟ ଜନେ ସମ୍ଭାଷଣ କରଇ ହରସ ଯେ ॥ ୧୩ ॥
ରଜ ଖେଳ ସମାପନ ବାଲ୍ୟ କାଳେ ସାରି
ପଞ୍ଚସଂ ବରଷେ ବିଦ୍ୟା ଆରମ୍ଭ ଆଚରି ଯେ ॥ ୧୪ ॥
ଚତୁର୍ଦ୍ଦଶ ସଂବତ୍ସରେ ବିଦ୍ୟ ଚତୁର୍ଦ୍ଦଶ
ସମାପନ କଲା ବାଳା ହୋଇଣ ହରସ ଯେ ॥ ୧୫ ॥
କାମଦେବ ବିରାଜିଲା ସର୍ବାଙ୍ଗ ପ୍ରଦେଶେ
କ୍ରମେ କ୍ରମେ ବିକଶଇ ସୁଷମା ଉଲ୍ଲାସେ ଯେ ॥ ୧୬ ॥
ହାସ୍ୟ ଲାସ୍ୟ ଦୀପ୍ତି ଛଟା ବିଛିତି ସକଳ
ଶ୍ରାବଣୀ ଅଙ୍ଗ ପରାୟେ ବଢ଼ିଲା ତା କୋଳ ଯେ ॥ ୧୭ ॥
ରତ୍ନଗର୍ଭା ନାମକୁ ସେ ସାର୍ଥ ବିନିମୟେ
ରୂପ ଲାବଣ୍ୟ ଜିଣିଛି ସାର ରତ୍ନମୟେ ଯେ ॥ ୧୮ ॥
ନୋହି ସୁବର୍ଣ୍ଣ ସୁବର୍ଣ୍ଣ ସୁନାରୀ ସୁନାରି
ବିଭୂଷଣ ବିଭୂଷଣ ଯିବେ ଅପ ସରି ଯେ ॥ ୧୯ ॥
ମୁଖ ମଣ୍ଡଳକୁ ଲାଜେ ବିଧୁ ପସେ ଅଦ୍ରୀ
କେଶ ତୁଳ ନୋହି ସୁର ଧ୍ୱନୀ କୁ କାଳିନ୍ଦ୍ରୀ ଯେ ॥ ୨୦ ॥
ନୟନ ଖଞ୍ଜନ ତୁଳ ମୃଗୀ ସଫଟିଣୀ
ବ୍ୟଧ ଧୀବର ଜାଲରେ ହୋଇଲେ ବରଣୀ ଯେ ॥ ୨୧ ॥
ନାସା ତୁଳ ନୋହିବାରେ ବନ୍ଧୁକ ବାନ୍ଧବ
ତିଳ କୁସୁମ ଅଳପ କାଳେ ବୃନ୍ତେ ଠାବ ଯେ ॥ ୨୨ ॥
ମହାକାଳ ମହାକାଳ ନୋହିଲା ଓଷ୍ଠକୁ
ଭୃକୁଟି କୁନ୍ତଳ ରୋମ ଲତା ବେଷ୍ଟନକୁ ଯେ ॥ ୨୩ ॥
ଲଲାଟ ପର୍ଚ୍ଚ ସିନ୍ଦୁର ବିନ୍ଦୁ ନୋହି ତୁଳ
ପକ୍ଷେ ବଢ଼ି ପକ୍ଷେ ଛିଡ଼ି ଇନ୍ଦୁ କାଳ କାଳ ଯେ ॥ ୨୪ ॥
କପୋଳ କୋମଳ ଚାରୁ କେ କହି ପାରିବ

ଚୁମ୍ବିଲା ଜନ ସରଗ ପ୍ରାପତି ଲଭିବ ଯେ ॥ ୨୫ ॥
ବକ୍ଷ ଦେଶେ ବିରାଜିଲା ସୁ କୁଚ ଉନ୍ନତ
ପ୍ରେମ ବନ୍ଧ ବାନ୍ଧି ଅବା ବାଲା କଲା ଜାତ ଯେ ॥ ୨୬ ॥
ଅଧୋ ମୁଖି ରୋମ ରାଜି କୁତ ସନ୍ଧ୍ୟୁ ଆସି
ତ୍ରିବଳି ଭେଦ କରିଣ ନାଭି ଗର୍ତ୍ତେ ପସି ଯେ ॥ ୨୭ ॥
କାମ ବିରାଜିବା ପାଇଁ ତ୍ରିବଳି ନିଶୁଣୀ
ଆପେ ଆପେ ଜାତ ହେଲା ସୁସମୟେ ପୁଣି ଯେ ॥ ୨୮ ॥
ସିଂହ କଟି ତୁଳ ନୋହି ଜଙ୍ଗଲେ ରହିଲା
ବାଳା କଟି ନଗ୍ରେ ଯାଇ ପ୍ରଶଂସା ଲଭିଲା ଯେ ॥ ୨୯ ॥
କଦଳୀ କଦଳୀ କରଭ କରଭ ଲଭି
ଉରୁ ବରତୁଲା ନୋହି ଅନାଦର ଲଭି ଯେ ॥ ୩୦ ॥
ପଙ୍କ ଜାତ ପଙ୍କଜ ତା ପାଦକୁ ଲଭିଲା
ତୁଳନା କରିଲେ କବି ଭାଷା ନ ପାଇଲା ଯେ ॥ ୩୧ ॥
ପାଦ ପଙ୍କଜରୁ ଜାତ ସୁଅଙ୍ଗୁଳି ଯାକ
ବାଳ ଇନ୍ଦୁକର ପ୍ରାୟ ବିରାଜେ ତାହାଙ୍କ ଯେ ॥ ୩୨ ॥
ଯୌବନେ ମର୍କଟୀ ରମ୍ଭା ବୋଲନ୍ତି ଜଗତେ
ରତ୍ନ ଗର୍ଭା ନାମ ଯାର ରୂପ ହେବ କେତେ ଯେ ॥ ୩୩ ॥
ରୂପକୁ ନୋହି ସେ ରମ୍ଭା ସ୍ୱର୍ଗ ପୁରେ ରହି
ଉର୍ବଶୀ ଉର୍ମିଳା ତାରା ପାଶେ ନ ପଶଇ ଯେ ॥ ୩୪ ॥
ତ୍ରିଦେବୀ ଶ୍ରେଷ୍ଠ ରୂପକୁ ଗଣନ୍ତି ଜଗତେ
ବାମା ରୂପ ଗୁଣ ନୋହି ଆଶ୍ରନ୍ତି ମହତେ ଯେ ॥ ୩୫ ॥
ଭୂଗର୍ଭୁ ସମସ୍ତ ରତ୍ନ କାଢ଼ି ବିଭୂବର
ଶିଳେ ବାଟି ଭାଣ୍ଡେ ପାଳି ଗଢ଼ିଲେ ଶରୀର ଯେ ॥ ୩୬ ॥
ବାଳରବି କିରଣରେ ସୁଖାଇ ଅଳପ
ଗଢ଼ିଲେ ମୂରତି ବିଶ୍ୱେ ହେବାକୁ ଅମାପ ଯେ ॥ ୩୭ ॥
ରତ୍ନଗର୍ଭା ରୂପ ଗାଇ ଶୁଣି ରସଗ୍ରାହୀ
କାବ୍ୟ ରସ ପାନ କରି କାବ୍ୟେ ଯିବେ ମୋହି ॥ ୩୮ ॥

ତ୍ରୟୋଦଶ ସର୍ଗ

ଚତୁର୍ଦ୍ଦଶାକ୍ଷରୀ

ରତ୍ନଗର୍ଭାଙ୍କ ସହିତ ରମାଇଙ୍କ ବିବାହ ପ୍ରସ୍ତାବ
କୃତିବାସ ମନ୍ତ୍ରୀଙ୍କୁ ପ୍ରେରଣ ଓ ପାଟଣାପୁର ବର୍ଣ୍ଣନା

ଦିନେ କୃତିବାସ ରାଜା ରାଣୀଙ୍କ ସଙ୍ଗର
ରତ୍ନ ପଲଙ୍କରେ ବସି ଭାବନ୍ତି ଅନ୍ତର ॥
ଯୁବା ଝିଅ ପିତା ଗୃହେ ବ୍ୟଥାର କାରଣ
ଜାମାତୁ ହସ୍ତରେ ନିଶ୍ଚେ କରିବି ଅର୍ପଣ ॥
ଚିନ୍ତା ଜଳେ ବୁଡ଼ି ରାଜା ଶୋଇଲେ ସପନେ
ନିଶି ଶେଷ ବିରାଜିଲା ପ୍ରଭାତି ଲଗନେ ॥
ମନ୍ତ୍ରୀଙ୍କୁ ହକାରି ନୃପ ବୋଲନ୍ତି ସଧୀରେ
ଖୋଜି ଆଣ ବୀରବର ଜେମା ଯୋଗ୍ୟ ବର ॥
ବୀରବର ମନ୍ତ୍ରୀ ବୋଲେ ଭୋ ମଣିମା ଶୁଣ
ଶୁଣିଛି ପାଟଣା ଗଡ଼େ ରମାଇଙ୍କ ଗୁଣ ॥
ରୂପ ଗୁଣ ବଳ ବିଦ୍ୟା ଅସୀମ ଅମାପ
ମଣିମା ଆଦେଶ ହେଲେ ଗମିବି ତା ପାର୍ଶ୍ୱ ॥
ନୃପ ବୋଇଲେ ହେ ବୀର ! କରାଅ ସଂଦେଶ
ସଂଭବିଲେ ଯୁବରାଜ ଅର୍ପିବା ସୁତେଶ ॥
ରାଜାଙ୍କ ଆଦେଶ ମନ୍ତ୍ରୀ ଗମିଲା ସତ୍ୱରେ
ପ୍ରବେଶ ହୋଇଲା ଯାଇ ଅଶ୍ୱଶାଳା ପୁରେ ॥
ଦୃତ ଗାମୀ ଶାଳ ଅଶ୍ୱ କରାଇ ଆହାର
ମାହେନ୍ଦ୍ର ବେଳାରେ ବୀର ହୋଇଲା ବାହାର ॥
କନକ ଭୂଷଣ ଦେହେ କୀରିଟ ଶୋଭନ
ପୀତବସ୍ତ୍ର ଢ଼ାଲ ଅସ୍ତ୍ର ସର୍ବାଙ୍ଗେ ମଣ୍ଡନ ॥

କନକ କିରଣ ରବି ପ୍ରସାରି କି ନଭେ
ସୁର ଧୁନି ଗମୁଛି କି ତ୍ୟଜି ଶିର ଶିବେ ॥
ଭାସ୍କର କିରଣ ଲକ୍ଷ ଅଲକ୍ଷ ଦିଶଇ
ଅଦ୍ଭୁତ କିରଣ ଜ୍ୟୋତି ତହୁଁ ନିଗିଡ଼ଇ ॥
ସଞ୍ଚାରିଣୀ ଦୀପଶିଖା ଦର୍ଶନ ପରାୟେ
ପୁରରେ ପ୍ରତୀତି ବସ୍ତୁ ପୃଷ୍ଠ ରେ ନିର୍ଲୟେ ॥
ନଦନଦୀ ବୃକ୍ଷଲତା ଅରଣ୍ୟ କାନନ
ପୃଷ୍ଠ ପଟେ ଧାବମାନ ଶୁଷ୍କ ପର୍ଣ୍ଣ ସମ ॥
ବୀରବର ମନ୍ତ୍ରୀ ଦୃଷ୍ଟି ଆଗକୁ ଆଗକୁ
ଧାବନାଶ୍ୱ ଆରୋହଣେ ନିରେଖି ପଛକୁ ॥
ଚନ୍ଦନ ଅଗୁରୁ ଧୂପ ବେଲ ପତ୍ର ବାସ
ମନ୍ଦ ମନ୍ଦ ସମୀରଣେ କରଇ ଉଲ୍ଲାସ ॥
ଶଂଖ ଘଣ୍ଟ ହୁଳହୁଳି ମୁଖରିତ ଧ୍ୱନି
କର୍ଣ୍ଣରେ ଶୁଣିଣ ବୀର ବିସ୍ତାରେ ଚାହାଣୀ ॥
ନିରେଖି ଲୋହିତ ଧ୍ୱଜା ଆଶଙ୍କା ଉଦୟ
ବିପକ୍ଷ କୁଳ ଚିନ୍ତାରେ ହୃଦେ ଆସେ ଭୟ ॥
ଦେଖି ଧ୍ୱଜା ସୁଧା ଧୌତ ସ୍ନାତ ଭିତ୍ତି ବର
ଅଧିଷ୍ଠାତ୍ରୀ ମନ୍ଦିରକି ବିଚାରେ ମନର ॥
ଓଲଗି ଶୁଭ ମନାସି ହୃଦୟ ଅନ୍ତରେ
ସୁଫଳ ଶୁଭଦ ହେଉ ଗମନ ମୋ ଠାରେ ॥
ଏମନ୍ତ ବିଚାରି ବୀର ସତ୍ୱରେ ସତ୍ୱରେ
ଦ୍ରୁତ ଗାମୀ ଅଶ୍ୱ ନେଲା ଗଡ଼ର ପ୍ରାନ୍ତରେ ॥
ଉତ୍ତର ପଥରେ ଥିବା ବଟବୃକ୍ଷ ତଳେ
ଅଶ୍ୱରୁ ଓହ୍ଲାଇ ବୀର ତହିଁ ବିଶ୍ରମିଲେ ॥
କ୍ଷାନ୍ତ ହେଲା ଅବସାଦ ଘର୍ମ କ୍ଲେଶ ଦୂର
ସୁଶୀତଳ ଛାୟାରେ ସେ କରିଲେ ବିହାର ॥

ଦୋଳମାନ ଓହଳରେ କରନ୍ତୁ ନିବେଶୀ
ଚିନ୍ତା କରୁ କରୁ ଏକ ଜନ ତହିଁ ଆସି ॥
ପଚାରିଲା ମହାଭାଗ କି' ନାମ ତୁମର
କେଉଁ ଦେଶେ ଘର ତୁମ କିଂପାଇଁ ବିହର ॥
ବୀର ବର ବୋଇଲେ ହେ ଭଦ୍ର ବିପ୍ରବର
ନାମ ମୋର ବୀରବର ବାସ ଗଙ୍ଗ ପୁର ॥
କୃତିବାସ ନାମେ ନୃପ ଯହିଁ ଅଧୀଶ୍ୱର
ଜାଣ ପାଟ ମନ୍ତ୍ରୀ ମୁହିଁ ଅଟଇ ତାଙ୍କର ॥
ରାଜକୀୟ କାର୍ଯ୍ୟେ ମୁହିଁ ପାଟଣା ପୁରରେ
ପ୍ରବେଶ କରିଛି ଆଜି ଦିବାର୍ଦ୍ଧ ବେଳରେ ॥
ରମାଇଁ ଦେବଙ୍କୁ ଆଜି ଭେଟି କି ପାରିବି ?
କହନ୍ତୁ ହେ ମହାଭାଗ ସମାଚାର ପବି ॥
ପ୍ରାତଃ କାଳ ସ୍ନାନ ଶୌଚ ନିତ୍ୟ କର୍ମ ସାରି
ପ୍ରତ୍ୟହ ପୂଜନ୍ତି ରାଜା ଶ୍ରୀପାଟଣେଶ୍ୱରୀ ॥
ତଦନ୍ତେ ପରଜାକୁଳ ପ୍ରସଙ୍ଗ ବୁଝନ୍ତି
ରାଜଧର୍ମ କାର୍ଯ୍ୟେ ସହା ସୁନ୍ୟସ୍ତ ରହନ୍ତି ॥
ନିଶ୍ଚୟ ଭେଟିବ ତାଙ୍କୁ ରାଜ ନବରରେ
ଭେଟ କରି ଦେବି ଚାଲ ରାଜାଙ୍କ ସଙ୍ଗରେ ॥
ଏମନ୍ତ କହିଣ ବିପ୍ର ଆଗେ ଅଗେ ଚାଲେ
ତର୍ଜନୀ ନିର୍ଦ୍ଦେଶ କରି ନଗର ଅଞ୍ଚଳେ ॥
ଦେଖ ଦେଖ ମନ୍ତ୍ରୀବର ପାଟଣା ନଗର
କି ଶୋଭା ଦିଶଇ ମର୍ତ୍ତ୍ୟେ ସୁଷମା ଯାହାର ॥
ଦେଖିବାକୁ ଯାହା ରୁଚି ରୁଚି ନିରନ୍ତର
ଆହ୍ଲାଦ ପ୍ରଦାନେ ମର୍ତ୍ତ୍ୟେ ନାହିଁ ପଟାନ୍ତର ॥
ସୁଧା ହର୍ମ୍ୟ କାନ୍ତି ଦ୍ୟୁତି ହିମଗିରି ପ୍ରାୟେ
ବିଚ୍ଛୁରୀତ ହେଉଥାଏ ଶତ କୋଶ ଯାଏ ॥

ନଭଶ୍ଚୁମ୍ବୀ ଅଟ୍ଟାଳିକା ଦିବ୍ୟ ଘର ମାନ
ଧାଡ଼ି ଧାଡ଼ି ବେନିପଥେ ହୋଇଛି ନିର୍ମାଣ ॥
ମର୍କଟ ବ୍ରୀଡାଳ ଶ୍ୱାନ ଦୋହରା ଆଳରେ
ନିର୍ଭୟରେ କ୍ରୀଡୁଛନ୍ତି ରବାକ୍ଷ ମାର୍ଗରେ ॥
ଦରିମୁଖେ ହରି ପରି ଏରୁଣ୍ଡି ବନ୍ଧରେ
ସ୍ୱାନମାନ ରାବୁଛନ୍ତି ନିଶାର୍ଦ୍ଧ ବେଳରେ ॥
ବିଦ୍ୟୁତବତୀ ପ୍ରଜ୍ୱଳନେ ସାୟଂ କାଳେ ଯହିଁ
ଦ୍ୱିତୀୟ ଗଗନ ଭ୍ରାନ୍ତି ଉପୁଜଇ ତହିଁ ॥
ଭୋଟ କାଳେ ଶଂଖ ଚକ୍ର ପଦ୍ମ ଚିହ୍ନ କାନ୍ଥେ
କାସାର ଭ୍ରାନ୍ତି ଭ୍ରମରେ ଭ୍ରମନ୍ତି କି ପାନ୍ଥେ ॥
ମଧୁମକ୍ଷୀ ଫେଣା ଝୁଲେ ଦ୍ୱାର ଦ୍ୱାର ଦେଶେ
କୃଷ୍ଣ ହୀରା ଝରା ପ୍ରାୟ ଶୋଭାକୁ ପ୍ରକାଶେ ॥
ତ୍ରିରଙ୍ଗା ପତାକା ସର୍ବ ହର୍ମ୍ୟର ଉପରି
ମନ୍ଦ ମନ୍ଦ ଦୋଳୁଥାନ୍ତି ଯୁଗଯୁଗ ଧରି ॥
ନାନା ରତନ ପସରା ବିପଣି ଆଳରେ
ରତ୍ନଗର୍ଭା ନାମକୁ ସେ ବୋହିଛି ଶ୍ରଦ୍ଧାରେ ॥
ବିବିଧ ପଣ୍ୟ ଦରବ ସୁଲଭ ମୂଲ୍ୟରେ
କ୍ରୟ ବିକ୍ରୟ କରନ୍ତି ବଣିକ ଆଳରେ ॥
ସର୍ବବିଧ ପଶୁପକ୍ଷୀ ବିପଣି ପ୍ରଦେଶେ
ଗୋପପୁର ଶୋଭାକୁ ସେ ବହିଛି ଉଲ୍ଲାସେ ॥
ସର୍ବ ରାଜପଥେ ଧାଡ଼ି ଧାଡ଼ି ତରୁଗଣ
ଅବିରତେ ଛାୟା ଦାନେ ଦୂର ପାନ୍ଥଶ୍ରମ ॥
ପଥେ ପଥେ ପାନ୍ଥଶାଳା ଚତୁଷ୍ପଥେ ବ୍ୟାପି
ସ୍ଥାନେ ସ୍ଥାନେ ଜଳାଶୟ ରାଜଧର୍ମେ ସ୍ଥାପି ॥
ଅଯୋଧ୍ୟା କାଞ୍ଚି ମଥୁରା ନୋହିବେ କେ ତୁଳ
ସମସ୍ତ ରୁଚିର ଚାରୁ ପାଟଣାରେ ଠୁଳ ॥

ରମାଇ ରାମ ନାମଟି ସାଦୃଶ୍ୟ ଯହିଁରେ
ଶାସନ ଶାସକ ଏବେ ବିଚାର ମନରେ ॥
ବୀରବର ମନ୍ତ୍ରୀ ତହିଁ ରମାଇଁ ସୁଗୁଣ
ନିଶମ୍ୟ ପ୍ରଶଂସା ଲଭି କରନ୍ତି ଗମନ ॥
ଧୀରେ ଧୀରେ ମନ୍ତ୍ରୀବର ଗମନ କରିଲେ
ଦ୍ୱାରୀ ପୁର ଦ୍ୱାରେ ଯାଇ ହାଜର ହୋଇଲେ ॥
ଦ୍ୱାରୀ ବର ହସ୍ତେ ବାର୍ତ୍ତା କରାଇ ପ୍ରବେଶ
ଅପେକ୍ଷା କରିଲେ ବୀର ରାଜାଙ୍କ ଆଦେଶ ॥
କିଛି କ୍ଷଣ ଅନ୍ତେ ଦ୍ୱାରୀ ଅନ୍ତପୁରୁ ଫେରି
ମନ୍ତ୍ରୀଙ୍କୁ ପାଛୋଟି ନେଲା ହୃଦୟେ ଆଦରି ॥
ଦିବ୍ୟ ଆସନେ ବସାଇ କନକ ଘଟରେ
ପାଦ ପ୍ରକ୍ଷାଳନ କଲା ଶୀତଳ ନୀରରେ ॥
ତାମ୍ବୁଳ ବିଡ଼ି କାହାଲୀ କରାଇ ଅଶନ
ବିବିଧ ଖାଦ୍ୟ ପଦାର୍ଥେ ମଣୋହିଲା ମନ ॥
ତଦନ୍ତେ ରମାଇଁ ଦେବ ସନିଧି ଆସନେ
ଅଧିଷ୍ଠିତ ହେଲେ ମନ୍ତ୍ରୀ ହରସ ବଦନେ ॥
ହସ ହସ ବଦନରେ ଆନନ୍ଦ ଚିତ୍ତରେ
ସମସ୍ତ ରାଜ ବାରତା ପୁଛିଲେ ମିତରେ ॥
କୋଶଳ ପ୍ରଶନ ଅନ୍ତେ ଆଗମନ ବାର୍ତ୍ତା
ମୋଟି ଗୋଟି ପୁଛା କଲେ କୋଶଳର ବାର୍ତ୍ତା ॥
ମନ୍ଦ ମନ୍ଦ ହସି ବୀର ବୋଇଲେ ଉତ୍ତର
ହେ ପାଟଣେଶ୍ୱର ସର୍ବ କୁଶଳ ଆମ୍ଭର ॥
ରତ୍ନେଶ୍ୱର ଆଦେଶରେ ଭ୍ରମେ ତବ ପୁର
ମଣିମା ଆଦେଶ ହେଲେ ପ୍ରକାଶିବି ଗୀର ॥
ରମାଇଁ ବୋଇଲେ ବୀର ହୃଦୟ ଫିଟାଇ
କର ନିର୍ଭୟେ ପ୍ରକାଶ ସଂଶୟ ତୁଟାଇ ॥

ପ୍ରକାଶିଲା ମନ୍ତ୍ରୀବର ମୃଦୁ ମୃଦୁ ଗୀର
ମଧୁମଳୟ ସତେକି ବିରାଜେ ମହୀର ॥
ଗଙ୍ଗପୁର ରାଜଜେମା ବୋଲାଇଛି ମନ
ତବ ଗଳେ ବରମାଲ୍ୟ ଅର୍ପଣେ ଉଛନ୍ନ ॥
ଯଉବନ ଅଳଂକାରେ ସଜାଡ଼ିଛି ଦେହ
ଦିନୁ ଦିନୁ ତନୁ ଭାର ହେଉଛି ଦୁଃସହ ॥
ଭବତଃ ରୂପଗୁଣକୁ ଚିତ୍ତେ ସ୍ମରି ସ୍ମରି
ସ୍ନାନ ଶୌଚ ପାଶୋରଇ ମନେ ଝୁରିଝୁରି ॥
ନିତ୍ୟ ଆରାଧନା ରତ ସଭକ୍ତି ରମେଶ
ରମାଇଁ ରମାଇଁ ଘୋଷେ ବାଳା ଅହର୍ନିଶ ॥
ଏମନ୍ତ କହିଣ ବୀର ମଉନ ରହିଲା
ଆଶା ତରୁ ପଲ୍ଲବକୁ ଅନାଇଁ ବସିଲା ॥
ଯୁବରାଜ ବୋଇଲା ହେ ବୀର ବିଧି ମତେ
ପ୍ରଣୟ ହୋଇବ ମୋର ରତ୍ନଗର୍ଭା ସାଥେ ॥
ପ୍ରଜାପତ୍ୟ ଉପଚାରେ ଯୋଗ ଲଗ୍ନ ଧରି
ଗଙ୍ଗେଶ୍ୱରଙ୍କୁ କହିବ କନ୍ୟା ଦେବେ ବରି ॥
ରମାଇଁ ବଚନ ଶୁଣି ସେହି ମନ୍ତ୍ରୀ ବର
ସଫଳ ହୋଇଲିଁ ବୋଲି ଭାବିଲେ ମନର ॥
ବିଦାୟ ମାଗିଣ ମନ୍ତ୍ରୀ ଆନନ୍ଦ ମନରେ
ଗମନ କରିଲେ ସେହୁ ସ୍ୱଦେଶ ପ୍ରାନ୍ତରେ ॥
ପାଟଣା ଗଡ଼ର ସର୍ବ ଗୁପ୍ତ ସମାଚାର
ଗୋଟି ଗୋଟି ପ୍ରକାଶିଲେ ରାଜା ସମ୍ମୁଖର
ମନ୍ତ୍ରୀ ମୁଖୁ ଶୁଣି ରାଜା ହରଷ ଚିତ୍ତରେ
ବିବାହ ଉତ୍ସବ ଦ୍ରବ୍ୟ ଯୋଗଡ଼ି ସତ୍ୱରେ ॥

ଚତୁର୍ଦ୍ଦଶ ସର୍ଗ

ରାଗ - ନଟବାଣୀ

ବସନ୍ତ ବର୍ଣ୍ଣନା ଓ ରମାଇଁଙ୍କ ବରାନୁଗମନ

ଏଥୁ ଅନ୍ତେ ଶୁଣ ବିବୁଧେ ବସନ୍ତ
ସଜାଡ଼ିଛି ଦେହ ହୋଇଣ ଉଷତ ॥ ୧ ॥
ଜରାଗ୍ରସ୍ତ ପୂର୍ଣ୍ଣ ବିହାୟ ନିଗ୍ରହୁଁ
ପୁଷ୍ପ ପତ୍ର ଫଳେ ବିମଣ୍ଡିତ ତହୁଁ ॥ ୨ ॥
ଗୁଣୁ ଗୁଣୁ ଶବ୍ଦେ ଭ୍ରମର ଦମ୍ପତି
ବିସ୍ତାରିତ ପୁଷ୍ପ ପୁଞ୍ଜେ ପୁଞ୍ଜେ ପ୍ରୀତି ॥ ୩ ॥
ଆମ୍ର କୁଞ୍ଜେ କୁଞ୍ଜେ କୋକିଳ କୋଳିକା
ବସନ୍ତ କାନନେ ପୀରତି ରୋପିଲା ॥ ୪ ॥
କୁହୁ କୁହୁ ତାନେ ମେଦିନୀ କମ୍ପାଇ
ବିୟୋଗୀ ଜନଙ୍କ ହୃଦୟ ଦହାଇ ॥ ୫ ॥
ଝିଙ୍କାରୀ ଶବଦେ ବିଦାରୀତ କର୍ଣ୍ଣ
କାମାନଳେ ତପ୍ତ ତୈଳ ନିକ୍ଷେପଣ ॥ ୬ ॥
କୃଷ୍ଣ ଚୂଡ଼ା ଶିଖୁଁ ପୁଷ୍ପରେଣୁଁ ଝରେ
ପୁଷ୍ପଧନ୍ୱା ସତେ ଜଗତ ବିଚରେ ॥ ୭ ॥
କାମଦେବ ଦୂତ ହୋଇ ମଦୋନ୍ମତ
ପଞ୍ଚମ ସ୍ୱରରେ ପିକ ବଳବନ୍ତ ॥ ୮ ॥
କୁସୁମ ଫଳାସ କରିବାରୁ ଲକ୍ଷ
କାମୁକ କାମୁକୀ ବିଦାରିତ ବକ୍ଷ ॥ ୯ ॥
କମଳ ରସାଳ ନୀଳ ଉତପଲ୍ଲ
ନିଆଳି ଅଶୋକ ପଞ୍ଚଶର ବଳ ॥ ୧୦ ॥
ପଞ୍ଚପ୍ରାଣ ଘେନି ନେବାକୁ କନ୍ଦର୍ପ
ସଜାଡ଼ିଛି କିସେ କାର୍ମୁକର ସର୍ପ ॥ ୧୧ ॥
କିଂଶୁକ ବନରେ ଟହ ଟହ ବହ୍ନି

ଦହିଦେବ ସତେ କାମୁକକୁ ଚିହ୍ନି ॥ ୧୨ ॥
ରସାଳ ଶାଖାରେ ଫଳ ଦୋଳ ମାନ
ମୁଦ୍‌ଗର କରିଛି ଘେନିବାକୁ ପ୍ରାଣ ॥ ୧୩ ॥
କଟାକ୍ଷକାରୀଙ୍କ ନୟନ ନେବାକୁ
କୁସୁମ କୋରକେ ନିଶିଛି ବାଣକୁ ॥ ୧୪ ॥
କାମବଶ ଯୁବା ଯୁବତୀ ଯୁବକ
ବିଚଳିତ କେବା ନୋହିବ ପଳକ ॥ ୧୫ ॥
ମଳୟ ପବନ ବୋହି ଘନ ଘନ
କାମ ବାଣେକେହି ନବର୍ତ୍ତନ୍ତି ପୁଣ ॥ ୧୬ ॥
ଚନ୍ଦନ ମୂଳରେ ସର୍ପ ବିଷ ଜାତ
ବିୟୋଗୀଙ୍କ ଦୁଃଖ ଦ୍ୱିଗୁଣିତ ଗାତ୍ର ॥ ୧୮ ॥
କନ୍ଦର୍ପ ପ୍ରତାପେ ମନୁ ଆପେ ଆପେ
ମାନବତୀ ମାନ ଛାଡ଼ିଲେ ଅକୋପେ ॥ ୧୯ ॥
କାମୀ ଯେତେ ଭୟେ ଅତ୍ୟନ୍ତ ସହାଗେ
ଯୁବତୀଙ୍କ ପାଦେ ପଡ଼ିଲେ ପ୍ରମାଦେ ॥ ୨୦ ॥
ମଧୁମାସେ ମଧୁ ମିଳନ ହୋଇଲା
ରମାଇଁର ମନ ପ୍ରିୟାରେ ରସିଲା ॥ ୨୧ ॥
ଶ୍ରୀରାମ ନବମୀ ତିଥି ରବିବାର
ଅର୍ପଣ କରିବେ ସୁତା ଗଙ୍ଗେଶ୍ୱର ॥ ୨୨ ॥
ବିବାହ ଉତ୍ସବ କର ଆୟୋଜନ
ବରଯାତ୍ରୀ ଯିବା ସ୍ୱଳ୍ପ ଅଛି ଦିନ ॥ ୨୩ ॥
ଚକ୍ରଧର ମନ୍ତ୍ରୀ ଶୁଣି ଆନନ୍ଦରେ
ଯୋଗାଡ଼ କରିଲେ ଦ୍ରବ୍ୟ ବିଧାନରେ ॥ ୨୪ ॥
ନିମନ୍ତ୍ରଣ କଲେ ବନ୍ଧୁବାନ୍ଧବଙ୍କୁ
ଖଞ୍ଜିଲେ ତୋରଣ ନଗର ପଥକୁ ॥ ୨୫ ॥
ବିବିଧ ବାଇଦ ଦୁନ୍ଦୁଭି ବଜାଇ
କମ୍ପିଲା ଶବଦ ଦିଗ ଚମକାଇ ॥ ୨୬ ॥
ସେ ଆତସ ବାଜି କମ୍ପେ ଘନଘନ

କମ୍ପେ ତିନିପୁର କମ୍ପେ ଇନ୍ଦ୍ରାସନ ॥ ୨୭ ॥
ନର୍ତ୍ତକ ନର୍ତ୍ତକୀ ନାଚି ନାନାରଙ୍ଗେ
ବିଳସନ୍ତି ଜନେ ଦେଖି ନୃତ୍ୟ ରଙ୍ଗେ ॥
ସ୍ଥାନେ ସ୍ଥାନେ ନୃତ୍ୟ ରଙ୍ଗ ସଜା ମାନ
ଦଣ୍ଡ ପାଳା କାଠି କେତେ ସଂକୀର୍ତ୍ତନ୍ୟ ॥
ବିବିଧ ଆଲୋକ ତୋରଣ ନଗରେ
ଭ୍ରମକରେ ଛାୟା ପଥ ଆକାଶରେ ॥
ରତ୍ନମାନ ଖଞ୍ଜି ବେଦୀ ସଜାଇଲେ
ସ୍ଫଟିକ ପ୍ରବାଳ ମୁକ୍ତାଝରା ଦେଲେ ॥
ବିବିଧ କୁସୁମ ହାର ମାନ ଗୁନ୍ଥି
ସଜାଇଲେ ବେଦୀ ଦ୍ୱାରଦେଶେ ରଖି ॥
ବାରବତୀମାନ ରାଜ ନବରେ
ଧାଡ଼ି ଧାଡ଼ି କରି ଖଞ୍ଜିଲେ ପଥରେ ॥
ସହସ୍ର କିରଣେ ସେ ପାଟଣାପୁର
ଝଲସି ଉଠଇ ସେ ରାଜ ନବର ॥
ଧାଡ଼ି ଧାଡ଼ି ହୋଇ ମହା ଆଳମାନ
ଶୁଭ୍ରତାରେ ଶୋହେ ହିମଶୈଳ ସମ ॥
ଉଡ଼ାଇ କେତନ ମନ୍ଦ ସମୀରଣେ
ଧୂମକେତୁ ପ୍ରାୟ ପ୍ରଦୋଷ କିରଣେ ॥
ବାଦିତ୍ର ଶବଦେ କମ୍ପାଇ ମେଦିନୀ
ଗନ୍ଧ ଗିଛୁଁ ଉଠେ ଶତ ପ୍ରତିଧ୍ୱନି ॥
ହାସ୍ୟ ଲାସ୍ୟ ନୃତ୍ୟ ଦେଖନ୍ତି ଯେ ଦଳ
କ୍ଷଣେ କ୍ଷଣେ ଉଠେ ହର୍ଷ କୋଳାହଳ ॥
ଆଦ୍ୟ ଦିନେ ତୈଳ ହରିଦ୍ରା ଲେପନ
ସୀମନ୍ତିନୀ କଲେ ସ୍ନାନ ସମାପନ ॥
ପରଦିନ କେଶ ସଜାଇ ବାରିକ
ବାନ୍ଧିଲେ ମୁକୁଟ ରମାଇ ମସ୍ତକ ॥
ସେ ବୀରବରଙ୍କୁ ସୀମନ୍ତିନୀ ଗଣ

ବେଦୀ ପରିକ୍ରମା କରି ଗନ ସନ ॥
ବେଶକାରୀ ଗଣ ସୁବେଶେ ସଜାଇ
ନାନା ଅଲଂକାରେ ଶରୀର ମଣ୍ଡାଇ ॥
ଶୁଭ୍ର ପାଟବସ୍ତ୍ର ପିନ୍ଧନ୍ତେ ରମାଇଁ
କନ୍ଦର୍ପ ଅର୍ଜୁନ ସମତୁଲ ନୋହି ॥
ଚିତ୍ରିତ ଟୁଣ୍ଡିକା ନାନା ପରକାରେ
ଲେଖିଲେ ଯତନେ ମୃତ୍ତିକା ଉପରେ ॥
ସୁବର୍ଣ୍ଣ କଳସି ସ୍ଥାପି ଦ୍ୱାର ପ୍ରାନ୍ତେ
ରସାଳ ପଲ୍ଲବ ରୋପିଲେ ତା ସାଥେ ॥
ଉପରି ଉପରି ଦୀପ ଯେବେ ଜାଳି
ହିମ ଶୈଳେ ବିଜେ କିବା ଅଂଶୁମାଳି ॥
ଝୁଲାଇ ଝୁଲାଇ ଗନ୍ଧ ଦେଲେ ଚାଳି
ଭ୍ରମୁଛନ୍ତି କିବା ତାରକା ମଣ୍ଡଳୀ ॥
ହୁଳହୁଳି ଦେଲେ ସୀମନ୍ତିନୀ ଗଣେ
କମ୍ପାଇଲେ ପୁରେ ସେ ସକଳ ଜନେ ॥
ବାଦ୍ୟ କାର ଗଣ ଯହିଁ ଯେତେ ଥିଲେ
ଏକତ୍ରିତ ହୋଇ ବାଦ୍ୟେ କମ୍ପାଇଲେ ॥
ଗାଲ ସେକା ବାଦ୍ୟ ଶୁଣି ନଗ୍ର ଜନ
ବରାତି ଦର୍ଶନେ ଧାଇଁଲେ ସେ ସ୍ଥାନେ ॥
କୋଳାହଳ ପୂର୍ଣ୍ଣ ସେ ରାଜ ନବର
କ୍ଷଣେ ସ୍ତବ୍ଧ କଲା ଦୁନ୍ଦୁଭି ବାଦ୍ୟର ॥
ବାଦିତ୍ର ଶବଦ କମ୍ପାଇ ନଗରୁ
ପ୍ରତିଧ୍ୱନି ଉଠେ ଗୁହ ଗ୍ୱଦାନ୍ତରୁ ॥
ଫଟୋ କାରମାନ କେମରା ଉଠାଇ
ଫଟୋ ଟାଣୁଥାନ୍ତି ବରକୁ ଅନାଇ ॥
ଗାଲ ସେକା କାଳ ଶୋଭା ମନ ଲୋଭା
ସ୍ୱର୍ଗର ଦେବତା ଦେଖି ହେବେ କାବା ॥
ଶତ ଶତ ଅଶ୍ୱ ଶତ ଶତ ହସ୍ତୀ

ସାରଥୀ ସାଜିଲେ ଚିତ୍ରିତରେ ରଥୀ ॥
ଦିବ୍ୟ ଯାନ ଆସି ତହୁଁ ଉପଗତ
ଧୀରେ ଧୀରେ ସେହୁ ହେଲା ଉପସ୍ଥିତ ॥
ଛତ୍ର ଧାରି ଜନ ପଟେ ରହି
ଛତା ଟେକି ଥାନ୍ତି ନାନା କଷ୍ଟ ସହି ॥
ଶଂଖ ଭେରୀ ତୂରୀ ଯେତେ ଫୁଙ୍କୁଥାନ୍ତି
ସାୟଂ କାଳେ ଯଥା ଗୋମାୟୁ ରାବନ୍ତି ॥
ଚାମର ବ୍ୟଜନ ଦାସୀ ପରିଜନ
ଗୁଣ୍ଡିଚା ରଥରେ ଭୂସୁର ସମାନ ॥
ବେଦ ମନ୍ତ୍ର ପାଠ ପୁରୋହିତ ମୁଖେ
ଗୁଞ୍ଜରିତ ହୁଏ କର୍ଣ୍ଣଦ୍ୱାର ମୁଖେ ॥
ପାଟଣେଶ୍ୱରୀଙ୍କୁ ସ୍ମରି ରାମବର
ଆରୋହଣ କଲେ ରଥର ଉପର ॥
ଏମନ୍ତ ସମୟେ ସୀମନ୍ତିନୀ ଗଣେ
ପୁଷ୍ପ ବୃଷ୍ଟି କଲେ ଶୁଭ ସଂକଳ୍ପନେ ॥
ବରଯାତ୍ରୀ ଯେତେ ସେ ବନ୍ଧୁ ବାନ୍ଧବ
ସଙ୍ଗତେ ଗମିଲେ ବୋହି ଦିବ୍ୟଭାବ ॥
ଉତ୍ସବ ସାଜିଛି ଗଡ଼ର ମଧ୍ୟରେ
ଗହଳ ଚହଳ ଆନନ୍ଦ ମାଦରେ ॥
ଜନ ସମାଗମ ରାଜପଥେ ପଥେ
ଭ୍ରମନ୍ତି ସେ ଜନ ନିଜ ସାଙ୍ଗସାଥେ ॥
ବର ଦେଖିବାକୁ ପୁରଜନ ନାରୀ
ଜନେ ପ୍ରବେଶିଲେ ଉଚ୍ଛନେ ବାହାରି ॥
କେହୁ ନରନାରୀ ଅର୍ଦ୍ଧ ବିବସନେ
କେହୁ କେ ବା ଜନ ନିଦ୍ରିତ ବଦନେ ॥
କେହୁ କେ ବା ନାରୀ ମୁକୁଳିତ କେଶ
ଧାଇଁ ନିଜ ନିଜ ଦ୍ୱାର ଦାଣ୍ଡ ଦେଶ ॥
କେହୁ ନାରୀ ସ୍ୱାମୀ ଗୋଡ଼ ମରଦନେ

ଏକ ଗୋଡ଼ ଫିଙ୍ଗି ଧାଇଁଲା ସେ ସ୍ଥାନେ ॥
କେହୁ ପୁର ନାରୀ ପ୍ରେମ ଲାସ୍ୟ ଛାଡ଼ି
ଜବେ ପ୍ରବେଶିଲା ଶିରକେଶ ଭିଡ଼ି ॥
କେହୁ ପୁର ନାରୀ ଶିଶୁ କାଖେ ମାଡ଼ି
ଗୋଡ଼ାଇଛି ସ୍ୱାମୀ ପଛେ ପଛେ ମାଡ଼ି ॥
ଗୁପ୍ତ ପ୍ରେମ କାରୀ ଯେତେ ଥିଲେ ପୁରେ
ଧାବମାନ କରିବାଦ୍ୟ ତାଳ ସୁରେ ॥
ଆବାଳ ବନୀତା ସ୍ଥବିର ଯାବତ
ଅଧା ଖାଇ ଅନ୍ନ ଧାଇଁଲେ ତାବତ ॥
କୁଳ ବଧୂ ଯେତେ ତ୍ରାସ ଭୟେ ରହି
ବାତାୟନ ରନ୍ଧ୍ରେ ଦେଖନ୍ତି ଅନାଇ ॥
ଦୋହଲା ଘର ନାରୀ ବୋହରା ଆଳରେ
ଦର୍ଶନ କରନ୍ତି ନିର୍ନିମେଷ ନେତ୍ରେ ॥
ଧୀରେ ଧୀରେ ବରଗଡ଼ ଦ୍ୱାର ଦେଶେ
ପ୍ରବେଶ ହୋଇଲା ଆନନ୍ଦ ଉଲ୍ଲାସେ ॥
କୃତ୍ତିବାସ ତହୁଁ ବର ବରଣରେ
ବାହାର ହୋଇଲେ ଉତ୍କଣ୍ଠା ମନରେ ॥
ଶଂଖ ହୁଳହୁଳି ବିବିଧ ବାଜଣା
ବାଜି ଉଠେ ଧ୍ୱନି ଦିଗ ଦିଗାଙ୍ଗନା ॥
ଶାଶୁ ସଙ୍ଗେ ପୁର ସୀମନ୍ତିନୀ ଗଣ
ତେଲ ହଳଦୀରେ କରି ଗଣ ସନ ॥
ଆଳତି ହଳାଇ ଗାଲକୁ ସେକାଇ
ମଙ୍ଗଳ ଗୀତରେ ନେଲେ ପାଛୋଟାଇ ॥
ବିବାହ ବେଦୀରେ ବର ବସାଇଲେ
ସର୍ବେ ନିଜ ନିଜ ସ୍ଥାନକୁ ଗମିଲେ ॥

ପଞ୍ଚଦଶ ସର୍ଗ

ରାଗ - ରସକୁଲ୍ୟା

ରମାଇ ଦେବଙ୍କ ବିବାହ ବର୍ଣ୍ଣନା

(୧)
ରତ୍ନଗର୍ଭା ନାମ ଯା ନାମ ଜାଣ ରତ୍ନମୟ କରି କନ୍ୟାକୁ ଆଣ
ଦେବ ପୀଠ ଶିରେ ପୁଷ୍ପ ପକାଇ ଦେବଦେବୀଙ୍କର ମନ ରସାଇ
ବୋଲି ଦେଲେ କୃତିବାସ ଯେ,
କ୍ଷୁଧାତୁର ଜନ ଅମୃତ ଭୋଜନେ ହୋଇଲେ ରମାଇଁ ତୋଷ ଯେ ॥

(୨)
ପୁରୋହିତ ବେଦୀ ପୀଠ ଆବରି ମନ୍ତ୍ର ଉଚ୍ଚାରିଲେ ଯତନ କରି
ପ୍ରତିଧ୍ୱନି ହେଲା କର୍ଣ୍ଣ ଗହ୍ୱରୀ ବିଲସେ କି ଅବା ସିନ୍ଧୁ ଲହରୀ
ଦେଖିବେ ଦର୍ଶକ ଜନ ଯେ,
ବସି ରହି ତହିଁ ନିର୍ନିମେଷେ ଚାହିଁ ରାଜକନ୍ୟା ଆଗମନ ଯେ ॥

(୩)
ରତ୍ନଗର୍ଭା ଯେବେ ବଧୂ ସାଜିଛି ଦର୍ଶକ ଜନଙ୍କ ମନ ମାଜିଛି
ଦେଖି ନେତ୍ର ଆଜ ହେବ ପବିତ୍ର ଭୂଷଣ ମଣ୍ଡନ କରାଅ ଗାତ୍ର
ଏମନ୍ତ କନକ ମତ ଯେ,
ତୀକ୍ଷ୍ଣ ବୁଦ୍ଧିମନ୍ତ ଚାତୁରୀ ସଙ୍ଗାତ ରଚିଲେ ରତ୍ନେ ମଣ୍ଡିତ ଯେ ॥

(୪)
ବେଶ କାରୀଗର ପିଠେ ବସାଇ ବେଶ ବିରଚିଲେ ଚିତ୍ତ ରସାଇ
ବିମ୍ବ ଦେଖାଇଲେ ପୁରରେ କେହି ବିବନ୍ଧନ କଲେ କେଶ ସଜାଇ

ଲଲାଟେ ସିନ୍ଦୁର ବିନ୍ଦୁ ଯେ,
ଶରଦ କାଳୀନ ପ୍ରଦୋଷ ଆନନେ ଉଇଁଛି ପୂର୍ଣ୍ଣମା ଇନ୍ଦୁ ଯେ ॥

(୫)
ସୁବାସ ତଇଳ ଅଙ୍କ ଶାମଳୀ ବାରଣ ଦନ୍ତ ପ୍ରସାଧନୀ ଚାଳି
ଅତି ଯତ୍ନେ ଚୂଡ଼ା କଲେ ବନ୍ଧନ ସ୍ୱର୍ଣ୍ଣ - ରୌପ୍ୟ ପତ୍ର ଶିରେ ମଣ୍ଡନ
ବେଣୀ ଅଗ୍ରେ ପୁଷ୍ପ ଖୋଷି ଯେ
ଗନ୍ଧଗିରି ଶିଖୁଁ ମଣିଚୂଳ କିବା ତଳକୁ ଆସୁଚି ଖସି ଯେ ॥

(୬)
ମଥାମଣି ଶିରେ ଦେଲେ ଲମ୍ବାଇ କର୍ଣ୍ଣେ କର୍ଣ୍ଣଫୁଲ ଦେଲେ ପିନ୍ଧାଇ
ନାକେ ନାକଚଣା ହସ୍ତେ କଙ୍କଣ ମଧ୍ୟେ କଟିସୂତା କଲେ ମଣ୍ଡନ
ଗଳେ ସ୍ୱର୍ଣ୍ଣ ହାରମାନ ଯେ,
ଶରଦକାଳୀନ ପ୍ରଦୋଷ ବେଳାରେ ନକ୍ଷତ୍ର ମାଳା ସମାନ ଯେ ॥

(୭)
ବାନ୍ଧିଲେ ମଥାମଣି ମାଣିକ୍ୟର ସୀମନ୍ତ ମୂଳରେ ସିନ୍ଦୁରଗାର
ପ୍ରଲେପନ ଦେଲେ ଶ୍ୱେତ ଅବିର ଓଷ୍ଠରେ କୁଙ୍କୁମ କଜ୍ଜ୍ୱଳନେତ୍ର
ଦିଶିଲା ବିଚିତ୍ର ଶୋଭା ଯେ,
ରଙ୍ଗଶାଳେ ରଙ୍ଗି ବିଦ୍ୟୁତ୍ ଆଲୋକ ପ୍ରକାଶ ଆନନ୍ଦ ଆଭା ଯେ ॥

(୮)
ପିନ୍ଧାଇଲେ ପାଟ ସମଲପୁରୀ ଶଂଖ ପଦ୍ମଚିହ୍ନ ବଉଳଧଡ଼ି
ଝିଲିମିଲି ରଶ୍ମି ଲାଲ ଓଢ଼ଣୀ ମଥାର ଉପରେ କଲେ ଢାଙ୍କୁଣୀ
ଦିଶେ ଇନ୍ଦ୍ର ଧନୁ ବଳି ଯେ,
ଖିର ସାଗରରେ କିବା ବିଷ୍ଣୁ ନାରୀ ଦର୍ଶକେ କରନ୍ତି କଳି ଯେ ॥

(୯)

ପାଦର ନୂପୁର ବାଜେ ମଧୁର ଲେଉଟି ଦେଖଇ ଶୁଣିବା ନର
ମୟୂର କୋକିଳ ସ୍ୱରକୁ ଶୁଣି ଅରଣ୍ୟ ମଧ୍ୟରେ କଲେ ରହଣି
ଅମୃତ ଗୁଞ୍ଜନମୟ ଯେ,
କେହୁ ଯୁବଜନ ଶ୍ରବଣେ ଗ୍ରାସିଣ ଜଗତେ ରହିବ ଥୟ ଯେ ॥

(୧୦)

ବେଶ କାରୀଗଣ ସୁବେଶକରି ହସ୍ତଧରି ନେଲେ ବେଦି ଉପରି
ସଖି ସଙ୍ଗେ କି ବା ରାଧା ସୁନ୍ଦରୀ ବନକୁଞ୍ଜେ ବିକେ ପ୍ରେମ ଆଚରି
କିବା ରତି ମୂର୍ତ୍ତିମନ୍ତ ଯେ
ଅଜଣା ରାଇଙ୍କୁଁ ପ୍ରୀତି ବାଣ୍ଟିବାକୁ ବେଦିଶାଳେ ଉପଗତ ଯେ ॥

(୧୧)

ନାନା ପୁଷ୍ପ ଭୂଷା ବେଦି ଉପର ବିଦ୍ୟୁତବତୀରେ ସୁମନୋହର
ସେ ରୁଖା କଳସୀ ମହୁକ ଡାକ ଦୀପ ଶିଖା ସଙ୍ଗେ ଆଲୋକ ମାଳ
ତା ମଧ୍ୟେ ନବ ନବଦଂପତ୍ତି ଯେ
ପ୍ରଣୟ ପାଇଁ କି ସ୍ୱର୍ଗପୁରୁ ଅବା ଖସିଛି ରତି ଦଂପତ୍ତି ଯେ ॥

(୧୨)

କୃତିବାସ ନୃପ ମନ୍ତ୍ରୀ ସଙ୍ଗର ଜାମାତୁ ହସ୍ତରେ ସୁତା ତାଙ୍କର
ସମର୍ପିଲେ ଶଂଖେ ସଲିଲ ଦେଇ ନୟନ କୋଣରୁ ନୀର ଗଡ଼ାଇ
କହିଲେ ବହୁ ବୁଝାଇ ଯେ,
ଯାଅଝିଅ ତୁହି ସଂସାର ଗଢ଼ିବୁ ମନ ଦୁଃଖ କର ନାହିଁ ଗୋ ॥

(୧୩)

ପିତା ଘର ଅଟେ ଅଢ଼େଇଦିନିଆଁ ବନ୍ଧୁବାନ୍ଧବଙ୍କ ରାତ୍ର କୁଣିଆଁ
ପ୍ରାତଃ ସମୟକୁ ପ୍ରତୀକ୍ଷା କରି ସମୟ ଆସିଲେ ଯାନ୍ତି ବାହାରି

ଏମନ୍ତ ଜଗତ ରୀତି ଯେ,
ସରଳ ଜୀବନେ ଜଗତ ବନ୍ଧନେ ଛାଡ଼ିଯାଅ ନିଜ ସ୍ଥିତି ଯେ।

(୧୪)
ଯେତେ ଦିନ ଝିଅ ମୋ ଘରେ ଥିଲୁ ଅଲିଅଳ ଜେମା ହୋଇବଢ଼ିଲୁ
ଆଜି ଠାରୁ ତୁହିଁ ପର ହୋଇଲୁ, ମୋ ଠାରେ ମମତା ତୁଟାଇ ଦେଲୁ
ସ୍ୱାମୀଟି ତୋ ଇଷ୍ଟ ଦେବ ଯେ,
ଦୁଃଖ ସୁଖ ଭାବ ଆପଦ ବିପଦ ସମସ୍ତ ବଢ଼େଇ ଦେବ ଯେ ॥

(୧୫)
ସ୍ୱାମୀ ସୁଖେ ଥିଲେ ତୁ ସୁଖେ ଥିବୁ ସ୍ୱାମୀ ଦୁଃଖେ ଥିଲେ ଭାବ ଜାଣିବୁ
ଭୋଜନେ ଗମନେ ସ୍ନାନେ ସପନେ ଜାଗ୍ରତ ପ୍ରହରୀ ଭାବେ ସେବିବୁ
ଜୀବନେ ତାଙ୍କ ପୟରେ ଯେ
ଅବହେଳା କଲେ ସ୍ୱାମୀ ଗାଳି ଦେଲେ ହୃଦେ ନ ରଖିବୁ ତୋର ଯେ ॥

(୧୬)
ପରମ ଈଶ୍ୱର ଶାଶୁ ଶ୍ୱଶୁର ପୂଜିବୁ ସହୃଦେ ତୁ ନିରନ୍ତର
ଦେବର ନଣନ୍ଦ ଯେତେ ଆବର ଅତି ସ୍ନେହେ ତାଙ୍କୁ କର ଆଦର
ତେବେ ତୁ ହୋଇବୁ ଧନ୍ୟ ଯେ
ପଡ଼ୋଶୀଜନଙ୍କୁ ହସି ଓଳଗିବୁ କରିବୁ ଯେ ଯଥାମାନ୍ୟ ଯେ ॥

(୧୭)
ପରପତି ମୁଖ ନ ଚାହଁ କେବେ କର୍ଣ୍ଣେ ଜପ
ପ୍ରତେ ନ ଯାଅ କେବେ
ପରଦ୍ରବ୍ୟ କେବେ ଲୋଭେ ନ ଯିବୁ ଚାଟୁକାର ବାକ୍ୟେ ନାହିଁ ପଡ଼ିବ
ଜିଣିବୁ ସ୍ୱାମୀ ହୃଦୟ ଯେ
ଦୟାମୟ ସେହି ଦୟାରଖିଥିବେ ଯାବତ ଜୀବନ ଚୟ ଯେ ॥

(୧୮)
ବିନୟ ବଚନେ ଜାମାତୃ କର୍ଣ୍ଣେ ବୋଇଲେ ମଧୁରେ ତୃପ୍ତି ବଚନେ
ଦଶ ଗୋଟି ଦୋଷ ଦେବ ମେଲାଣି ଅର୍ପଣ କରୁଛି ସୁତା ଦୁଳଣି
ଅଳି ଅଳ କନ୍ୟା ମୋର ହେ
ଆହେ ବନ୍ଧୁ ଧନ ପଶୁଛି ଶରର କାମନା ପୂରଣ କର ହେ ॥

(୧୯)
ରାଜପୁର ଲୋକେ ଯଥାମାନ୍ୟରେ ଚରତା କରିଲେ ବରାତି ନରେ
ବିବିଧ ଭୋଜନେ କଲେ ତୃପତି ଆଦର ହୃଦୟେ ଦେଲେ ମୁକତି
ବୋଇଲେ ମୃଦୁ ବଚନେ ଯେ
ଆଜିଠାରୁ ଆମ ପାଟଣାଗଡ଼ର ଗଙ୍ଗପୁର ନିବନ୍ଧ ଯେ।

(୨୦)
ଏଥୁ ଅନ୍ତେ ବିଭାକାର୍ଯ୍ୟ ସାରିଲେ ମେଳାରି ମାଗିଣ ବାହୁଡ଼ିଗଲେ
ହସ୍ତୀ ଅଶ୍ୱ ଯେତେ ଅମୂଲ୍ୟ ଧନ ଯଉତୁକ ଦେଲେ ଗଙ୍ଗରାଜନ
କନ୍ୟାଙ୍କୁ ବିଦାୟ କରି ଯେ
ସପରିବାରରେ ବାହୁନି କାନ୍ଦିଲେ କନ୍ୟାଗୁଣ ସ୍ମରି ସ୍ମରି ଯେ ॥

ଷୋଡ଼ଶ ସର୍ଗ

ରାଗ - ପଞ୍ଚମମଞ୍ଜରୀ

ନବଦଂପତିଙ୍କ ବନ୍ଦାପନା ଓ ମଧୁମିଳନ

ପ୍ରବେଶନ୍ତେ ପାଟାକୁ ନବ ବଧୂ ଯହୁଁ
ହର୍ଷଲ୍ଲୋଳ ବିରାଜିଲା ରାଜ ନଗ୍ର ତହୁଁ
ଆଦରେ ପାଛୋଟିବାକୁ ସୀମନ୍ତିନୀ ଗଣ
ହୁଳହୁଳି ପୁଷ୍ପହାର କରିଲେ ଅର୍ପଣ ॥
କନକ ଘଟରେ ତୀର୍ଥ ସଲୀଳ ପୁରାଇ
ସୁଗନ୍ଧ ଚନ୍ଦନ ସହ ପାଦ ଦେଲେ ଧୋଇ ॥
ପ୍ରବେଶ କରାଇ କନ୍ୟା ରାଣୀ ଅନ୍ତପୁର
ବସାଇଲେ ଦିବ୍ୟାସନେ ଝରକା ପ୍ରାନ୍ତର ॥
ବଧୂ ଦେଖିବାକୁ ବ୍ୟଗ୍ର ନଗ୍ର ନାରୀ ଗଣ
ପିପିଲି ପରାୟେ ରାଜପଥେ ଧାବମାନ ॥
ନବବଧୂ ଦର୍ଶନରେ ଲଭିଲେ ସନ୍ତୋଷ
ଦେବୀ ଦର୍ଶନ ପରାୟେ ଆପେ ହେଲେ ତୋଷ ॥
ବିବିଧ ଭୋଜ୍ୟ ପଦାର୍ଥ କରାଇ ଅଶନ
ବିଦାୟ କରିଲେ ବନ୍ଧୁ ସେ ଆତ୍ମ ସ୍ୱଜନ ॥
ବନ୍ଦାପଣା ସାରି ପୁରୋହିତଙ୍କ ହାତରେ
ହୋମାହୁତି ଗୁଆ ନେଇ ରଖିଲେ ଯତ୍ନରେ ॥
ଅସ୍ତ ହ୍ୱନ୍ତେ ଦିନ ମଣି ଉଦେ ହେଲେ ଶଶୀ
ବିଲଶିଲେ ତାରାଗଣ କ୍ଷୟ ତମ ରାଶି ॥
ବିରାଜନ୍ତେ ନିଶୀ ଯହୁଁ ଦ୍ୱିତୀୟ ପ୍ରହର
ନିଦ୍ରା ପଥେ ପ୍ରବେଶିଲେ ସର୍ବ ଚରାଚର ॥
ବିଭୂଷିତ ମଧୁ ସଜ୍ୟା ଗୃହେ ରାଜ ସୁତ
ନବବଧୂ ସମ୍ମୁଖରେ ହେଲେ ଉପଗତ ॥

ଗଜ ଦନ୍ତ ପଲଙ୍କରେ ପ୍ରଚ୍ଛଦ ପଟରେ
ଅଧୋ ମୁଖେ ବସିଥିବା ସୁନ୍ଦରୀ ପୁରରେ ॥
ମୃଦୁ ମୃଦୁ ହାସ୍ୟେ ବୀର ମଧୁମୟ ଗୀର
ପ୍ରକାଶ କରିଲେ ପ୍ରିୟା ପ୍ରୀତି ସନ୍ନିଧିର ॥
ପ୍ରୀତି ଦାନ କର ପ୍ରିୟେ କିଂପା ଅଭିମାନ
ଦଇବ କରିଛି ଆମ ବେନିଙ୍କ ମିଳନ ॥
ନ ଶୁଣନ୍ତେ ନବ ବଧୂ ଅଧର ତଳର
ନିବେଶୀଲେ କରାଙ୍ଗୁଳି ଡାହାଣ ହସ୍ତର ॥
ଅନ୍ଧେ ଉନ୍ଧେ ଟେକି ମୁଖ ମନ୍ଦେ ମନ୍ଦେ ହସି
ନିଶ୍ଚଳେ କିମ୍ପାଇ ବସି ରହିଛ ଷୋଡ଼ଶୀ ॥
ମଧୁଝରା ବଚନରେ ତହୁଁ ସେ ରମଣୀ
ବୋଇଲେ ମଧୁର ସ୍ୱରେ ହେ କୁମର ମଣି ॥
ଅଭିମାନ ଅଛି ମୋର ଏକ ସତ୍ୟ ପାଇଁ
ସତ୍ୟ ରକ୍ଷା କଲେ ତୁମ୍ଭେ ମାନ ଭାଙ୍ଗି ବଇଁ ॥
ରମାଇଁ ବୋଇଲେ ପ୍ରିୟେ ! କି ତୁମର ସତ୍ୟ
ସଂଶୟ ଫିଟାଇ କହ ପାଳିବି ମୁଁ ନିତ୍ୟ ॥
ମିଷ୍ଟ ଭୋଗ ଅଳଂକାର କର ଯେତେ ଇଚ୍ଛା
ନିମିଷେ ପୂରଣ ହେବ ତୁମ ମନ ବାଞ୍ଛା ॥
ଅଭିଳାଷ ନାହିଁ ମୋର ଭୋଗ ଅଳଂକାର
ପ୍ରୟୋଜନ ଅଛି ତୁମ ସତ୍ୟର ବେଭାର ॥
ସତ୍ୟ କଲେ ରତ୍ନଗର୍ଭା ମାନୁ ଓହରିବ
ଅନ୍ୟଥାରେ ମାନବତୀ ମାନରେ ଅଡ଼ିବ ॥
ରମାଇଁ ବୋଇଲେ ପ୍ରୀୟେ ସତ୍ୟ ତିନିବାର
କାମାନଳ ପୀଡ଼ାଠାରୁ ଶୀଘ୍ର ରକ୍ଷା କର ॥
କୁମାର ମୁଖରୁ ଶୁଣି ଏସନ ବଚନ
ରତ୍ନଗର୍ଭା ପ୍ରକାଶିଲେ ପ୍ରତିଜ୍ଞା ବଚନ ॥
ଘୃଣାକ୍ଷରେ ନ ଚାହିଁବ ପର ନାରୀ ମୁଖ
ଯାବତ ଅନଳ ଲାଗି ନ ଥିବ ମା ମୁଖ ॥

ଦୀପ ଶିଖା ଛୁଇଁ ଦୁହେଁ ସତ୍ୟ କଲେ ଯହୁଁ
ସୁରତି ରସରେ ମାତି ପଡ଼ିଲେକ ତହୁଁ ॥
ହୋମଚରୁ ପ୍ରିୟାମୁଖେ ଭୁଞ୍ଜାଇ ରମାଇଁ
କର ନିବେଶୀଲେ ବେନି କୁଚ ସନ୍ଧି ନେଇ ॥
ଧୀରେ ଧୀରେ କୁଚସନ୍ଧ୍ୟୁ ରୋମ ରାଜି ପଥେ
ହସ୍ତ ନେଇ ନିବେଶିଲେ ନାଭି ଗର୍ତ୍ତ ପଥେ ॥
ଅଧର ଗଣ୍ଡ ମଣ୍ଡଲେ ଚୁମ୍ବାଇ ଚୁମ୍ବାଇ
ତଦନ୍ତେ ଚୁଚୁକେ ମୁଖ ଦେଲେକ ଲଗାଇ ॥
ଏମନ୍ତେ ବେନିଙ୍କ ଅଙ୍ଗ ପ୍ରତ୍ୟଙ୍ଗ ଅନ୍ତରେ
ରୋମାଞ୍ଚିତ ହେଲା ତନୁ ତନୁ ସଂଲଗ୍ନର ॥
ଏମନ୍ତ ପ୍ରକାରେ କାମ ଶାସ୍ତ୍ର ଅନୁସାରେ
ପ୍ରୀତି କାର୍ଯ୍ୟ ସମାପନ ଚୌଷଷ୍ଠୀ ମତରେ ॥
ଏଥୁ ଅନ୍ତେ ନିଶୀଶେଷ ଜାଣି ବେନି ଜନ
ପରସ୍ପରେ ନିରୀକ୍ଷଣ କରନ୍ତି ଆନନ ॥
ସ୍ନାନ ଶୌଚ ସାରି ପ୍ରାତଃ ପ୍ରଭାତୀ ଲଗନେ
କସ୍ତୁରୀ ଚନ୍ଦନ ଗନ୍ଧ ଲଗାଇ ଯତନେ ॥
ମନ୍ଦ ମନ୍ଦ ହସ ପୁଣ ବରଦର ଲାଜେ
ତରଙ୍ଗ କୁରଙ୍ଗ ସମ ବିଚରନ୍ତି ବ୍ୟାଜେ ॥
ପ୍ରିୟଜନ ଦରଶନେ କରି ନତ ମୁଖ
ଭ୍ରମୁଥାନ୍ତି ରାଜ ଦାଣ୍ଡେ ଲଭି ଦିବ୍ୟ ସୁଖ ॥
ଦିବ୍ୟ ଶାଳି ଅନ୍ନ ଖାଇ କୁଟୁମ୍ବ ସ୍ୱଜନେ
ବାହୁଡ଼ିଲେ ମୂଲ୍ୟ ଦେଇ ବଧୂ ପରଶନେ ॥
ଅତି ଆନନ୍ଦେ ବିବାହ କରି ସମାପନ
ଶାନ୍ତ ହେଲା ରାଜନଗ୍ର ପ୍ରଶଂସିଲେ ଜନ ॥
ଶୃଙ୍ଗାର ରସରେ ଛନ୍ଦ କରି ସମାପନ

XX XX XX

ବିଶ୍ରାମିଲା ଗାଇ ଗୀତ ସୁରେଶ ଚୌହାନ ॥

ସପ୍ତଦଶ ସର୍ଗ

ରାଗ - ଭୂପାଳ

ମହାଲିଙ୍ଗ ଦେବଙ୍କ ରାଜ୍ୟାଭିଷେକ
ରମାଇଁ ଦେବଙ୍କ ସ୍ୱର୍ଗାରୋହଣ

ଏଥୁ ଅନ୍ତେ ରାଣୀ ଅନ୍ତଃସତ୍ତ୍ୱା
ବର୍ଦ୍ଧମାନ ଗର୍ଭ ପ୍ରତିକ୍ଷଣେ ଚିନ୍ତା ॥
ଆଳସ୍ୟ ଶରୀରେ କରିଲା ରହଣି
ଫୁଟି ଉଠେ ଜ୍ୟୋତି ଉଜ୍ଜ୍ୱଳ ବରଣୀ ॥
ଦିନେ ମହାରାଜା ମନ୍ଦେ ମନ୍ଦ ହସି
ପୁଚ୍ଛିଲେ ସୁନ୍ଦରୀ ମାତା କି ଷୋଡ଼ଶୀ ॥
ନ ଉତ୍ତରୀ କିଛି ମଉନେ ସମ୍ମତି
ଲଜ୍ଜା ଡରେ ତାଙ୍କ ନ ବଳିଲା ମତି ॥
ରାଜା ବୋଲେ ପ୍ରିୟେ ନ କର ଶୋଚନା
ଖଞ୍ଜିଲେ ସେବିକା ବଢ଼େଇ ଚେତନା ॥
ପୂର୍ଣ୍ଣହୁନ୍ତେ ଦଶ ମାସ ଦଶ ଦିନ
ଜନ୍ମନେଲା ଶିଶୁ ଏକଇ ନନ୍ଦନ ॥
ବିଭ୍ରାଜିତ ତନୁ ସର୍ବ ରାଜ ଚିହ୍ନ
ପୂର୍ଣ୍ଣିମା ଦିବସେ ଯଥା ପ୍ରାଚୀ ଜହ୍ନ ॥
ଷଷ୍ଠୀ ଦିବସରେ ଦେଉଚି ମନାଇ
ଏକ ବିଂଶ ଦିନେ ନାମ ଦେଲେ ସେହି ॥
ଯୋଗ ଲଗ୍ନ ଦେଖି ପୁରୋହିତ ଗଣ
ମହାଲିଙ୍ଗ ନାମ ମୁଖେ ଉଚ୍ଚାରଣି ॥
କ୍ରମେ କ୍ରମ ଶିଶୁ ଶାଳବୃକ୍ଷ ପ୍ରାୟେ
ବଢ଼େ ରାଜ ପୁରେ ଉଲ୍ଲସିତ କାୟେ ॥
ପାଞ୍ଚ ବର୍ଷେ ବାଲ୍ୟ କ୍ରୀଡ଼ାମାନ ସାରି
ବିଦ୍ୟା ପ୍ରାରମ୍ଭିଲେ ବର୍ଣ୍ଣ ସେ ଉଚ୍ଚାରି ॥
କ୍ରମେ କ୍ରମେ ସର୍ବ ବିଦ୍ୟାରେ ପ୍ରବୀଣ
ମହା ପଣ୍ଡିତରେ ହୋଇଲେ ଭୂଷଣ ॥
ଦିନେ ରାଜପୁରେ ଦେଖି ପୁତ୍ର ରୂପ

ପୁତ୍ର ବିଭା ପାଇଁ ଚିନ୍ତା କଲେ ନୃପ ॥
ତତ୍କ୍ଷଣେ ମନ୍ତ୍ରୀଙ୍କୁ ହକାରି ରାଜନ
ପୁତ୍ର ଯୋଗ୍ୟ କେମା ଯୋଗାଡ଼ ଏକ୍ଷଣ ॥
ରାଜାଙ୍କ ଆଦେଶେ ଦେଶ ଦେଶ ବୁଲି
କନ୍ୟା ଠାବ କଲ ରମାଠାରୁ ବଲି ॥
ମହା ଆଡ଼ମ୍ବରେ ବିଭାକାର୍ଯ୍ୟ ସାରି
ପୁତ୍ର ସଙ୍ଗେ ବଧୂ ମୁଦେ ଦେଲେ ବରି ॥
ଦିନେ ରାଜା ଶୋଇଛନ୍ତି ପଲଙ୍କରେ
ନିଦ୍ରା ଜଲେ ଚିନ୍ତା ଘୋଟିଲା ଅନ୍ତରେ ॥
ସ୍ଥବିର ବୟସ ହେଲା ଉପଗତ
ରାଜ୍ୟାସନେ ବସା ମୋର ଅନୁଚିତ ॥
ଅନ୍ତକାଳ ଯାଏ ଜାବୁଡ଼ି ବସିଲେ
ନିନ୍ଦା ଦେବେ ଜନେ ଏ ମହୀ ମଣ୍ଡଳେ ॥
ବୋଲିବେ ଲୋଭି ଏ ରମାଇଁ ରାଜନ
ଯୋଗ୍ୟ ପୁତ୍ର ଥାଉଁ ବସି ସିଂହାସନ ॥
ଏମନ୍ତ ଚିନ୍ତାରେ ନିଶୀ ହେଲା ଶେଷ
ପ୍ରଭାତିଲା ପୂର୍ବ ଦିଶି ତମ କ୍ଲେଶ ॥
ଜାଗିଲେ ଜଗତ ଜନ ପ୍ରଜା କୁଳ
ବିରାଜେ ଧରଣୀ ଉଜ୍ଜ୍ୱଳ ସକଳ ॥
ପଶୁପକ୍ଷୀ କୀଟ ବ୍ରହ୍ମ ଲୋକ ଯାଏ
ନିଜ ନିଜ କର୍ମେ ସର୍ବେ ବ୍ରତୀ କାୟେ ॥
ପ୍ରାତଃ କାଳେ ରାଜା ନିତ୍ୟ କର୍ମ ସାରି
ରାଜ କାର୍ଯ୍ୟେ ସେହୁ ହୋଇଲେ ପୂଜାରୀ ॥
ସିଂହାସନେ ବସୁଁ ବସୁଁ ମନ୍ତ୍ରୀ ବର
ହସ ହସ ମୁଖେ ହୋଇଲେ ହାଜର ॥
ପ୍ରଣମି ନୃପଙ୍କୁ ବୋଇଲେ ବଚନ
କିମ୍ପାଇଁ ମଣିମା ବସିଛ ମଉନ ॥
ବୋଇଲେ ରାଜନ ଚିନ୍ତା ଘାରି ମୋର
ମହାଲିଙ୍ଗ ହସ୍ତେ ଦେବି ରାଜ୍ୟ ଭାର ॥
ଜରାଗ୍ରସ୍ତ ହେତୁ ଦିନୁ ଦିନୁ ଦେହ
ନାନା ବ୍ୟାଧି ଗ୍ରାସୀ ହେଉଛି ଦୁଃସହ ॥
ଜାଣୁ ଅଛ ତୁମ୍ଭେ ସର୍ବଜ୍ଞାନ ବନ୍ତ
କି କହିବି ତବ ଠାରେ ଏ ବୃତାନ୍ତ ॥

ଆୟୋଜନ କର ଡକାଇ ପରଜା
ଯଥାଶୀଘ୍ର ଅଭିଷେଣ ସାଜସଜ୍ଜା ॥
ରାଜାଙ୍କ ଆଦେଶ ପାଇ ମନ୍ତ୍ରୀବର
ଆୟୋଜିଲେ ଅଭିଷେକର ସମ୍ଭାର ॥
ଡକାଇ ପରଜା କୁଳ ମନ୍ତ୍ରୀ ବର
ଜ୍ଞାନୀ ବୁଦ୍ଧିମନ୍ତ ସର୍ବ ବିପ୍ରବର ॥
ନିମନ୍ତ୍ରଣ କଲେ ସର୍ବ ରାଜଗଣ
ରାଜ ପୁରଦ୍ୱାରେ ଖଞ୍ଜିଲେ ତୋରଣ
ବାଜିଲା ଦୁନ୍ଦୁଭି ବିବିଧ ବାଜଣା
ଦେଖିବାକୁ ଜନେ ଧାଇଁଲେ ପ୍ରଗଣା ॥
ବିବିଧ କୁସୁମ ତୋରଣ ଶୋଭୁଛି
ଅଳକା ପୁରକୁ ଧିକ୍କାର କରୁଛି ॥
ରାଜ ଅଭିଷେକ ରୀତି ଉପଚାରେ
ନାନା ତୀର୍ଥ ଜଳ ଆଣିଲେ ଶ୍ରଦ୍ଧାରେ ॥
ପୁରୋହିତ ଡାକି ଯଜ୍ଞ ପ୍ରାରମ୍ଭିଲେ
ବେଦମନ୍ତ୍ର ଗାଇ ସ୍ନାନେ ଶୁଦ୍ଧି କଲେ ।
ଦିବ୍ୟ ରାଜହସ୍ତୀ କରାଇ ସୁବେଶ
ବୁଲାଇଲେ ଯୁବରାଜ ନଗ୍ର ଦେଶ ॥
ସୁବର୍ଣ୍ଣ କଳସୀ ମନ୍ତ୍ରି ପୁତ କରି
କରୀ କରେ ନେଇ ଦେଲେ ଶୁଦ୍ଧ ବାରି ॥
କରୀ କରେ ନେଇ ମହାଲିଙ୍ଗ ଶିରେ
ଢାଳି ଦେଲା ଜଳ ଶୁଭ ଲଗନରେ
ହୁଳ ହୁଳି କର ତାଳି ସଙ୍ଗତରେ
ବାଜି ଉଠେ ବାଦ୍ୟ ଧରାର ବୁକୁରେ ॥
ଅଭିଷେକ ଅନ୍ତେ ସକଳ ସେ ଜନ
ବାହୁଡ଼ିଲେ ସର୍ବେ ଖାଇଣ ମିଷ୍ଟାନ୍ନ ॥
ପୁତ୍ରଙ୍କୁ ସମସ୍ତେ ରାଜ୍ୟ ଭାର ଦେଇ
ବାନ ପ୍ରସ୍ଥେ ଗଲେ ସ୍ଥବିର ରମେଇ ॥
ବାନ ପ୍ରସ୍ଥ କିଛିଦିନ ଗଡ଼ି ଯାନ୍ତେ
ସ୍ୱର୍ଗକୁ ଗମିଲେ ଭାର୍ଯ୍ୟାଙ୍କ ସହିତେ ॥

ଓଁ ଶ୍ରୀ ଶ୍ରୀ ରମାଇଁ ଦେବ ପ୍ରସଙ୍ଗେ ସୁରେଶ ଚନ୍ଦ୍ର ଚୌହାନ
ବିରଚିତେ 'ତେଜସ୍ୱୀ' ମହାକାବ୍ୟେ ସପ୍ତଦଶ ସର୍ଗେ ସଂପୂର୍ଣ୍ଣ ॥

ସୁରେଶ ଚନ୍ଦ୍ର ଚୌହାନ ବୃତ୍ତିରେ ଜଣେ ସଂସ୍କୃତ ଶିକ୍ଷକ ହେଲେ ହେଁ ପ୍ରବୃତ୍ତିରେ ଜଣେ ସଚ୍ଚା ସାରସ୍ୱତ ସ୍ରଷ୍ଟା । ଯଦିଓ ସଂସ୍କୃତ ସାହିତ୍ୟରେ ସେ ଅଧ୍ୟାପନା କରୁଛନ୍ତି ଓଡ଼ିଆ ସାହିତ୍ୟରେ ତାଙ୍କର ପ୍ରବେଶ ଅନେକ ଉପାଦେୟ ପୁସ୍ତକ ରଚନା କରିବାରେ ସହାୟକ ହୋଇଛି । ସାହିତ୍ୟ ଓ ସଂସ୍କୃତି ପ୍ରତି ଐକାନ୍ତିକ ନିଷ୍ଠା ଓ ଆତ୍ମପ୍ରତ୍ୟୟ ତାଙ୍କୁ ଜଣେ ସାରସ୍ୱତ ସ୍ରଷ୍ଟାର ପରିଚୟ ଆଣିଦେଇଛି । ତାଙ୍କର ପ୍ରକାଶିତ ପୁସ୍ତକ ମଧ୍ୟରେ ରହିଛି 'ପ୍ରମାର ବା ଚୌହାନ ଇତିହାସ', 'କୋଶଳ ଆହ୍ୱାନ କବିତା', 'ବଳି କବିତା', 'ଜୁଏହୁଲ୍ଲା', 'ନୃସିଂହନାଥ', 'ସଂସ୍କୃତି ଗଦ୍ୟ', ଏବଂ ପୁରାଣ ମହାକୋଶଳ ଚାରି ଖଣ୍ଡ', ସମ୍ବଲପୁରୀ ସଂସ୍କୃତି ଓ ଐତିହ୍ୟକୁ ଆଧାର କରି ରଚିତ ସୁରେଶଚନ୍ଦ୍ରଙ୍କ ୧୧ ସର୍ଗ ବିଶିଷ୍ଟ କାବ୍ୟ 'ରଣସ୍ୱୀ' ପରେ 'ତେଜସ୍ୱୀ' ହେଉଛି ଆଉ ଏକ କାବ୍ୟ ପୁସ୍ତକ ।
କାବ୍ୟ 'ଯଶସ୍ୱୀ', କାବ୍ୟ ଓ ନୀତି ଶାସ୍ତ୍ର ବିବେକ ବିଚାର ଏବେ ପ୍ରକାଶୋନ୍ମୁଖୀ । ଗ୍ରନ୍ଥଟି ପାଠକଙ୍କୁ ଆମୋଦିତ କରିବ ବୋଲି ବିଶ୍ୱାସ ।

-ପ୍ରକାଶକ

ସମ୍ପର୍କ:
ବରିକେଲ, ବରଗଡ଼ଗ,
ମୋ: ୮୧୧୭୯୧୨୬୬୪

TEJASWAI
by Suresh Chandra Chouhan
Co-ordinator & Distributor :
Mansingh Sahitya Sansad, Nandala, Puri
Published by Teerataranga Publication
1st Impression : 1st January 2024
an Imprint of Teerataranga Printers

ISBN 978-81-19802-19-7

₹ 100.00